
ଧରିତ୍ରୀ
DHARITRI
April 19-25, 2026 ₹ 2/-
ଧରିତ୍ରୀ 52 Years

# ଛୁଟିଦିନ



ଦିନେ ଏହା ଥିଲା
ନିରୋଳା ଖରାଛୁଟିର
ସାଥୀ। ତା'ର
ରଙ୍ଗବେରଙ୍ଗ
କଥାକୁହା ଚିତ୍ର ଓ
କାହାଣୀ ମନ
ମୋହୁଥିଲା ସଭିଙ୍କର।
ହେଲେ ଯେବେଠୁ
ଆସିଲା ବିଭିନ୍ନ
ଆଧୁନିକ ମନୋରଞ୍ଜନର
ମାଧ୍ୟମ ହଜିଗଲା
ତା'ର ସତ୍ତା। ହେଲେ
ଏବେ ପୁଣିଥରେ ଏହା
ଓ୍ୱେବ କମିକ୍ସ ମାଧ୍ୟମରେ
ପିଲାଙ୍କ ପାଖକୁ
ଫେରିବାକୁ ଚେଷ୍ଟା
କରୁଛି...

# ଫେରିବ କି ସେଇ
# କମିକ୍ସ ଦୁନିଆ

ପ୍ରଚ୍ଛଦ ପ୍ରସଙ୍ଗ

୩



# ଝାଳ ବୋହୁଥିଲେ...

ଖରାଦିନେ ଝାଳ ବୋହିବା ସାଧାରଣ କଥା। ବେଳେବେଳେ ଏହି ଝାଳ ଖୁବ୍ ଦୁର୍ଗନ୍ଧ ହୋଇଥାଏ। ଯଦ୍ୱାରା ଅପ୍ରୀତିକର ପରିସ୍ଥିତି ଉପୁଜିଥାଏ। ବିଶେଷଜ୍ଞଙ୍କ ମତରେ, ଶରୀରରୁ ଝାଳ ବୋହିବା ପଛରେ ମଧ୍ୟ ଅନେକ କାରଣ ରହିଥାଏ। ପ୍ରଥମତଃ, ଯଦି କୌଣସି ବ୍ୟକ୍ତି ଅତ୍ୟଧିକ ଶାରୀରିକ ପରିଶ୍ରମ କରିଥାନ୍ତି, ତା'ହେଲେ ତାଙ୍କ ଦେହରୁ ଝାଳ ବୋହିଥାଏ। ଦ୍ୱିତୀୟରେ ମୋଟାପାର ଶିକାର ହୋଇଥିଲେ ବି ଶରୀରରୁ ଝାଳ ବୁହେ। ସେହିପରି ଅଧିକ ତେଲ,



ମସଲାଯୁକ୍ତ କିମ୍ବା ରାଗ ଖାଦ୍ୟ ଖାଇବାକୁ ଭଲ ପାଉଥିବା କିଛି ଲୋକଙ୍କଠାରେ ମଧ୍ୟ ଝାଳ ବୋହିବା ସମସ୍ୟା ଦେଖାଯାଇଥାଏ। ହର୍‌ମୋନ୍ ଇନ୍‌ବାଲାନ୍ସ ହେବା ବି ଝାଳ ବୋହିବାର ଆଉ ଏକ କାରଣ ହୋଇଥାଏ। ସେହିପରି ବଂଶାନୁଗତ ଭାବେ ବି ଏହି ସମସ୍ୟା ଦେଖାଯାଇଥାଏ ବୋଲି ଅନେକ ମତ ଦେଇଥାନ୍ତି। ତେବେ ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛିଟା ସହଜ ଉପଚାର ମଧ୍ୟ ରହିଛି। ଯେମିତିକି: ପ୍ରତିଦିନ ପରିଷ୍କାର ହୋଇ ଗାଧୋଇବା ସହ ଭଲ ବ୍ରାଣ୍ଡର ବଡି ସ୍ପ୍ରେ ବ୍ୟବହାର କରିବା, ଡାଏଟ୍‌ରେ ଅଧିକ ମାତ୍ରାରେ ସତେଜ ପନିପରିବା ଏବଂ ଫଳମୂଳ ଖାଇବା, ପାଦକୁ ପରିଷ୍କାର ରଖିବା ସହ ପ୍ରତିଦିନ ପାଦରେ ପିନ୍ଧୁଥିବା ସକ୍ସକୁ ସଫା କରିବା, ତେଲ, ମସଲାଯୁକ୍ତ ତଥା ରାଗ ଖାଦ୍ୟ ଯେତେ ସମ୍ଭବ କମ୍ ଖାଇବା, ଖରାଦିନେ ଢିଲା କଟନ୍ ପୋଷାକ ପିନ୍ଧିବା ସହ ପ୍ରଚୁର ପରିମାଣରେ ପାଣି, ଫ୍ରୁଟ୍ ଜୁସ୍ ଆଦି ପିଇବା ଆବଶ୍ୟକ।

## ବାସ୍ତୁ ଅନୁସାରେ ବଗିଚା

**ଘର ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ସହ ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ବଗିଚାର ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଆଉ ଯଦି ଏହି ବଗିଚାକୁ ବାସ୍ତୁ ଅନୁଯାୟୀ କରାଯାଏ, ତା'ହେଲେ ଏହା ଘର ପାଇଁ ସୁଖ ସମୃଦ୍ଧିର କାରଣ ହୋଇଥାଏ।**

*ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରର ବଗିଚା ପାଇଁ ଉତ୍ତର ଓ ପୂର୍ବ ଦିଗ ସର୍ବୋତ୍ତମ। କୁହାଯାଏ, ଉତ୍ତର ଦିଗରେ ବଗିଚା ରହିଲେ ଘର ଲୋକଙ୍କର ଉନ୍ନତି ହୋଇଥାଏ। ବିଶେଷକରି ଏହି ଦିଗରେ ଥିବା ବଗିଚାରେ ତୁଳସୀ ଗଛ ରହିଲେ ଶୁଭ ଫଳ ମିଳିଥାଏ।

* ଉତ୍ତର ଦିଗରେ ଥିବା ବଗିଚାରେ ଛୋଟ ଛୋଟ କଣ୍ଟା ନଥିବା ଗଛ ଲଗାଇବା ଶୁଭ।

* ବଗିଚାରେ ୱାଟର୍ ଫାଉଣ୍ଟେନ୍ ଲଗାଇବାକୁ ଚାହୁଁଥିଲେ, ଏହାକୁ ଉତ୍ତର ଦିଗରେ ରଖନ୍ତୁ।

* ପୂର୍ବ ଦିଗରେ ଥିବା ବଗିଚାରେ ଫଳ ହେଉଥିବା ଗଛ ଲଗାଇଲେ



ଭଲ ଲାଭ ହୋଇଥାଏ। ଏହି ଦିଗରେ ଛୋଟ ଛୋଟ ଗଛ କୁଣ୍ଡରେ ଲଗାଇପାରିବେ।

* ଯଦି ଉତ୍ତର କିମ୍ବା ପୂର୍ବ ଦିଗରେ ବଗିଚା କରିବାକୁ ସୁବିଧା ନଥାଏ, ତେବେ ଦକ୍ଷିଣ କିମ୍ବା ପଶ୍ଚିମ ଦିଗରେ ବଗିଚା କରିପାରିବେ। କିନ୍ତୁ ଏହି ବଗିଚାରେ ଲାଗିଥିବା ଗଛ ଘରର କାନ୍ଥକୁ ନଲାଗି ଟିକେ ଛାଡ଼ି ରହିଲେ ଭଲ।

* ଘରର ମୁଖ୍ୟଦ୍ୱାର ଯଦି ପଶ୍ଚିମ କିମ୍ବା ଦକ୍ଷିଣ ଦିଗକୁ ଥାଏ, ଉକ୍ତ ଦ୍ୱାର ନିକଟରେ ଲତା ଜାତୀୟ ଗଛ ଲଗାଇ ବାସ୍ତୁଦୋଷକୁ ଦୂର କରାଯାଇପାରେ।

* ଯଦି ଘର ସାମ୍ନାରେ ଜାଗା ନାହିଁ, ଆଉ ବାଲ୍‌କୋନିରେ ବଗିଚା କରୁଛନ୍ତି, ତା'ହେଲେ ସେଠି କାକ୍‌ଟସ୍ ଭଳି କୌଣସି କଣ୍ଟା ଜାତୀୟ ଗଛ ଲଗାନ୍ତୁ ନାହିଁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ୍ ୧୯-୨୫, ୨୦୨୬

**ମେଷ**: ସମୟାନୁବର୍ତ୍ତିତାରୁ ସମ୍ମାନ, କର୍ମକ୍ଷେତ୍ରରେ ପ୍ରତିଷ୍ଠା, ସଭାସମିତିକୁ ନିମନ୍ତ୍ରଣ, କାର୍ଯ୍ୟ ହାସଲରେ ବିଳମ୍ବ, ପ୍ରଶାସନିକ ତତ୍ପରତା, ସାହିତ୍ୟକୃତିରୁ ପ୍ରଶଂସା, ଆତ୍ମୀୟମାନଙ୍କ ଅଭିଯୋଗ, ପାରିବାରିକ ମତଭେଦ, ମାଙ୍ଗଳିକ କାମର ପ୍ରସ୍ତୁତି ॥

**ବୃଷ**: ଶାନ୍ତିପ୍ରଦ ଜୀବନଯାତ୍ରା, କର୍ମକ୍ଷେତ୍ରରେ ଗୌରବ, ଆର୍ଥିକ ଅନଟନରୁ ଦୁଃଶ୍ଚିନ୍ତା, ସୁଯୋଗ ହରାଇପାରନ୍ତି, ବୃଥାଭ୍ରମଣରୁ ମନସ୍ତାପ, ଦୁର୍ଭାବନା ଦୂର ହେବ, ରାଜନୀତିରେ ବିତର୍କ, କାରିଗରୀରୁ ଲାଭ, ନୂତନବନ୍ଧୁ ସମ୍ପର୍କ ॥

**ମିଥୁନ**: ନିଜ ପରିସରରେ ପ୍ରତିଷ୍ଠା, ସମ୍ବର୍ଦ୍ଧିତ ହୋଇପାରନ୍ତି, ସାଂଗଠନିକ ସଫଳତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ବୃଦ୍ଧି, ବିଚାର ବଦଳାଇପାରନ୍ତି, ପରିବହନରେ ଝଗଡା, ବନ୍ଧୁମିଳନରେ ଆଲୋଚନା, ଶୁଭକାର୍ଯ୍ୟର ପ୍ରସ୍ତୁତି ॥

**କର୍କଟ**: ସୁଚିନ୍ତିତ କାର୍ଯ୍ୟଧାରା, କର୍ମକ୍ଷେତ୍ରରେ ସୁନାମ, ଉଚ୍ଚପଦବୀ ମିଳିବ, ଦୂରଯାତ୍ରାରେ ସମସ୍ୟା, ଫ୍ଲାଟିଙ୍ଗ ବ୍ୟବସାୟରେ ଉନ୍ନତି, ନୂତନ ଉଦ୍ୟୋଗାରମ୍ଭ କରିପାରନ୍ତି, ଧର୍ମକାର୍ଯ୍ୟ କରିପାରନ୍ତି ॥

**ସିଂହ**: ଯାତ୍ରାରେ ଲକ୍ଷ୍ୟ ପୂରଣ, ଆରୋଗ୍ୟ ଲାଭ, ଅର୍ଥନୈତିକ ସମସ୍ୟା, ଖଳଲୋକଙ୍କ ଅପପ୍ରଚାର, ପରୀକ୍ଷାରେ ଆତ୍ମସନ୍ତୋଷ, ମହାଜନୀ ଚାପ ବଢ଼ିବ, ବ୍ୟବସାୟିକ ପ୍ରତିବନ୍ଧକ, ବିବାଦର ସମାଧାନ, ନୂତନବସ୍ତ୍ର ଭୂଷଣ ପ୍ରାପ୍ତି ॥

**କନ୍ୟା**: କାର୍ଯ୍ୟସିଦ୍ଧିରୁ ଆତ୍ମସନ୍ତୋଷ, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ଜମିଜମା କ୍ରୟବିକ୍ରୟ, ସନ୍ତାନଙ୍କ କୃତିତ୍ୱରୁ ଗୌରବ, ଆନୁଷ୍ଠାନିକ ତତ୍ପରତା, କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, କର୍ମକ୍ଷେତ୍ରରେ ବିବାଦ, ସହକର୍ମୀଙ୍କ କଟୁକ୍ତି, ଅପମାନିତ ହୋଇପାରନ୍ତି, ବିବାଦୀୟ ପରସ୍ଥିତି, ପାରିବାରିକ ସମସ୍ୟା ॥

**ତୁଳା**: ଶାରୀରିକ ଅସୁସ୍ଥତା, ଆତ୍ମୀୟଙ୍କ ସହଯୋଗ, ସୁଚିନ୍ତିତ କର୍ମଯୋଜନା, ଶୃଙ୍ଖଳିତ ଜୀବନ ଯାତ୍ରା, କ୍ରୀଡା ଚଳଚ୍ଚିତ୍ରରେ ଉତ୍କର୍ଷତା, ପାରିବାରିକ ସମସ୍ୟା, ପରିବହନରେ ଝଗଡା, ବ୍ୟବସାୟରେ ଉନ୍ନତି, ନୂତନସମ୍ପର୍କ ସ୍ଥାପନ, ସାଂସ୍କୃତିକ କାର୍ଯ୍ୟକ୍ରମ ॥

**ବିଛା**: ମାନସିକ ଅସ୍ଥିରତା, ଅତୀତ ଚିନ୍ତାରୁ ମନସ୍ତାପ, ସ୍ଥଗିତ କାର୍ଯ୍ୟାରମ୍ଭ, ପାରିବାରିକ ସହଯୋଗ, ପ୍ରିୟବନ୍ଧୁଙ୍କ ପରାମର୍ଶ, ଯାତ୍ରାରେ ଅନ୍ତରାୟ, ଭୁଲ୍ ବୁଝାମଣାରୁ ଅଶାନ୍ତି, ପରିବହନରେ ଉନ୍ନତି, ଉଚ୍ଚଶିକ୍ଷାର ସୁଯୋଗ, ଆଇନ ସହାୟତା ପାଇବେ, ପ୍ରତିଯୋଗୀତାରେ ସଫଳତା ॥

**ଧନୁ**: ବନ୍ଧୁମିଳନର ଯୋଜନା, କାର୍ଯ୍ୟସାଧନରେ ବିଳମ୍ବ, ଅପବ୍ୟୟରୁ ଅନୁତାପ, ଦୂରଯାତ୍ରାରେ ସମସ୍ୟା, ଗଠନମୂଳକ କାର୍ଯ୍ୟାରମ୍ଭ, ଯାନବାହନର ନବୀକରଣ, ନୂତନ ପ୍ରକଳ୍ପାରମ୍ଭ, ରପ୍ତାନୀ ବାଣିଜ୍ୟରେ ସମସ୍ୟା ॥

**ମକର**: କାର୍ଯ୍ୟରେ ଅଗ୍ରଗତି, ସମସ୍ୟା ଦୂରେଇଯିବ, ଉପରିସ୍ଥଙ୍କ ଅନୁକମ୍ପା, ପାରିବାରିକ ସୌହାର୍ଦ୍ଦ୍ୟ, ଉନ୍ନତ ସାମାଜିକ ସ୍ଥିତି, ବସ୍ତ୍ରାଳଙ୍କାରକ୍ରୟ, ଲୋକସମ୍ପର୍କରେ ଉନ୍ନତି, ଯୋଜନା ଅଟକି ରହିବ, ନିର୍ମାଣ କାମରେ ଦ୍ୱନ୍ଦ୍ୱ, ମାଙ୍ଗଳିକ କାର୍ଯ୍ୟରେ ଅଶାନ୍ତି ॥

**କୁମ୍ଭ**: କାର୍ଯ୍ୟରେ ବିଶୃଙ୍ଖଳା, ମାନସିକ ଅସ୍ଥିରତା, ପ୍ରତିକୂଳ ପରିସ୍ଥିତି, ବାଣିଜ୍ୟରେ ପ୍ରତିବନ୍ଧକ, ବନ୍ଧୁଙ୍କ ବୃଥା ସନ୍ଦେହ, ଆର୍ଥିକସ୍ଥିତି ବଦଳିବ, ମାମିମକଦ୍ଦମାରୁ ଦୁଃଶ୍ଚିନ୍ତା, ହୋଟେଲଶିଳ୍ପରୁ ଲାଭ, ପରୀକ୍ଷାରେକୃତିତ୍ୱ, ଆତ୍ମୀୟଙ୍କ ଅପପ୍ରଚାର ॥

**ମୀନ**: ଆରୋଗ୍ୟଲାଭରୁ ଆତ୍ମତୃପ୍ତି, ପାରିବାରିକ ସହାୟତା, ନିଷ୍ପତ୍ତିରେ ମତ ପାର୍ଥକ୍ୟ, ଧର୍ମାନୁଷ୍ଠାନ କରିପାରନ୍ତି, କୃତିତ୍ୱରୁ ପ୍ରଶଂସା, ଲୋକକଳାରୁ ସମ୍ମାନ, ଶିଳ୍ପାୟନରେ ବିଦ୍ରୋହ, ନୂତନବନ୍ଧୁ ସମ୍ପର୍କ, ଦୂରଯାତ୍ରାର ଆୟୋଜନ ॥

## ପାଠକୀୟ

* ଜଳ ହିଁ ଜୀବନ, ପୁଣି ଜଳ ବିଭିନ୍ନ ରୋଗର ରକ୍ଷାକାରୀ। ଏହି ଜୀବନ ରକ୍ଷାକାରୀ ଔଷଧୀୟ ଜଳର ଉତ୍ସ ହେଉଛି ଓଡ଼ିଶାରେ ଥିବା ବିଭିନ୍ନ ଝରଣା, ଉଷ୍ଣ ପ୍ରସ୍ରବଣ ଓ ପୋଖରୀ ଆଦିର ଜଳ। ମଣିଷ ପାଇଁ ଅମୃତ ପାଲଟିଥିବା ସେମିତି କେତୋଟି ଜଳଉତ୍ସକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ତଥ୍ୟପୂର୍ଣ୍ଣ ହୋଇଥିଲା।

– ପ୍ରସନ୍ନ ପାଣି, ବଲାଙ୍ଗୀର

* ଛୁଟିଦିନରେ ପ୍ରକାଶିତ 'ଅମୃତ ଧାରା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ଏକ ସୁନ୍ଦର ତଥା ଶିକ୍ଷଣୀୟ ବିଷୟ ଥିଲା। 'ଫିଟ୍‌କିରିର ବାସ୍ତୁ ମହତ୍ତ୍ୱ', 'ଗୁଣର ଭଣ୍ଡାର ସିଝା ଚିନାବାଦାମ' ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା। ଲାଇଫ୍ ଷ୍ଟାଇଲ୍ ପୃଷ୍ଠାରୁ 'ଖରା ପାଇଁ ଲାଇଟ୍ ଓ୍ୱେଟ୍ ଜିନ୍ସ' ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। – ରାଜେଶ ଶତପଥୀ, ଭବାନୀପାଟଣା

* କଣ୍ଠଶିଳ୍ପୀ ସୁଶ୍ରୀ ସୁମିତ୍ରା ମହାପାତ୍ରଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ବ୍ୟକ୍ତିତ୍ୱ ପୃଷ୍ଠାରୁ ଜାଣିହେଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ସ୍ୱପ୍ନଭଙ୍ଗ' ଶୀର୍ଷକ ଗପଟି ଖୁବ୍ ହୃଦୟସ୍ପର୍ଶୀ ଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଲାଗୁଥିଲା। ବିଶେଷକରି ଏଥିରେ ସ୍ଥାନିତ 'ମାସୁମ୍ ହିଟ୍ ହୋଇ ନଥିଲେ', 'ଆଇସକ୍ରିମ୍ ପ୍ରିୟ ଜାହ୍ନବୀ', 'ଡରି ଯାଇଥିଲେ ସାରା' ଆଦି ପାଠର ଉପସ୍ଥାପନା ଶୈଳୀ ଖୁବ୍ ମଜାଦାର୍ ଥିଲା।

– ଲୋକନ ପରିଡ଼ା, ଜିଜିପି କଲୋନୀ, ଭୁବନେଶ୍ୱର

* ଶିକ୍ଷୟିତ୍ରୀ, ଲେଖିକା ତଥା ମଞ୍ଚ ସଂଯୋଜିକା କଳ୍ପନା ମିଶ୍ରଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ପ୍ରେରଣାଦାୟୀ ଥିଲା। 'ସ୍ମାର୍ଟ ରୋବୋ' ଶୀର୍ଷକ ପାଠଟି ବି ଏକ ଶିକ୍ଷଣୀୟ ଆଲେଖ୍ୟ ଥିଲା। 'ଗଡ଼କୁଜଙ୍ଗ'ର ତଥ୍ୟଭିତ୍ତିକ ଉପସ୍ଥାପନା ମନଛୁଆଁ ହୋଇଥିଲା।

– ପ୍ରିୟାଂଶୁ ପରିଛା, ଯାଜପୁର

* ଶାନ୍ତ, ମନୋରମ ସ୍ଥଳ ଶୋଳା ସମ୍ପର୍କରେ ବହୁ ଅଜଣା କଥା ସହରଠୁ ଦୂର ପୃଷ୍ଠାରୁ ଜାଣିହେଲା। ପୁରୁଷଙ୍କ ତୁଳନାରେ ମହିଳା ଅଧିକ ବର୍ଷ କାହିଁକି ବଞ୍ଚନ୍ତି, ତାହା ବିବିଧା ପୃଷ୍ଠାରୁ ଜାଣି ଖୁସି ଲାଗିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଗୋରିଲା ସୋଫା', 'ଘର ଭିତରେ ସମୁଦ୍ର', 'ଚମତ୍କାର କ୍ଲବେରା' ଆଦି ପାଠର ଉପସ୍ଥାପନା ଶୈଳୀ ବି ନିଆରା ଲାଗୁଥିଲା।

– ସଞ୍ଜୟ ଜେନା, ଫୁଲବାଣୀ

**ଛୁଟିଦିନ ପାଇଁ ଲେଖା ଓ ଚିଠି ପଠାଇବାର ଇ-ମେଲ୍ ଠିକଣା:**
chhutidinadharitri@gmail.com

### ବିଶେଷ ଚିଠି



ଅମୃତ ଧାରାକୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ନିଆରା ଯେମିତି
ଦେଉଥିଲା ତଥ୍ୟ ବି ସେମିତି।
ଖରା ପାଇଁ ଲାଇଟ୍ ଓ୍ୱେଟ୍ ଜିନ୍ସ
ଥିଲା ଏକ ନିଆରା ଆଲେଖ୍ୟ,
ସାଥୀର ଉତ୍ତରଗୁଡ଼ିକ ପୁଣି
ଦେଉଥିଲା ନୂଆ ନୂଆ ତଥ୍ୟ।
ସତରେ ହେ ପ୍ରିୟ ଛୁଟିଦିନ
ତୁମର ସବୁଯାକ ପୃଷ୍ଠା ଲାଗେ
ଭାରି ନୂତନ ନୂତନ।

– ସଲିଲ୍ ସ୍ୱାଇଁ, ଜଗତ୍‌ସିଂହପୁର

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଫେରିବ କି ସେଇ କମିକ୍ସ ଦୁନିଆ



କମିକ୍ସ ବା ଚିତ୍ରକଥା ଦିନେ ଘରେ ଘରେ ଥିଲା ଲୋକପ୍ରିୟ। ତା'ର ରଙ୍ଗବେରଙ୍ଗ ସୁନ୍ଦର କଥାକୁହା ଚିତ୍ରରେଭରା ପୃଷ୍ଠା, ହାସ୍ୟରସଭରା କାହାଣୀ ମନ ମୋହୁଥିଲା ସଭିଙ୍କର। ନିରୋଳା ସମୟର, ଲମ୍ବା ଯାତ୍ରା ଓ ଖରାଛୁଟିର ଥିଲା ଇଏ ସାଥୀ। ନିଶା ତା'ର ଏମିତି ଥିଲା ଯେ, ପିଲାଏ ପଢ଼ା ବହି ଭିତରେ ଲୁଚାଇ ପଢୁଥିଲେ । ବିକ୍ରି ହେଉଥିଲା ଲକ୍ଷ ଲକ୍ଷ ସଂଖ୍ୟାରେ କପି । ହେଲେ ଯେବେଠୁ ଆସିଲା ବିଭିନ୍ନ ଆଧୁନିକ ମନୋରଞ୍ଜନର ମାଧ୍ୟମ, ହଜିଗଲା ତା'ର ସତ୍ତା। ହେଲେ ଏବେ ପୁଣିଥରେ ଏହା ନୂଆ ଢଙ୍ଗରେ ମୁଣ୍ଡ ଟେକିବାକୁ ଚେଷ୍ଟା କରୁଛି...


**ଖ**ରାଛୁଟିର ନିରୋଳା ଦ୍ୱିପ୍ରହର । ତଳେ ପରା ହୋଇଥାଏ ମଶିଣା । ପେଟେଇ ଶୋଇ ହାତରେ କମିକ୍ସ ଧରି ପଢ଼ିବାର ଥିଲା ଗୋଟେ ଅଲଗା ମଜା । ସମୟ କେମିତି ବିତି ଯାଉଥିଲା ଜଣା ପଡୁ ନ ଥିଲା । ଦୂର ଯାତ୍ରାର ବି ସେ ଥିଲା ସାଥୀ । ବସ୍‌ର ଝରକା ପାଖ ସିଟ୍‌ରେ ବସି କମିକ୍ସ ଦୁନିଆରେ ହଜି ଯାଉଥିଲେ ଛୋଟରୁ ବଡ଼ ସଭିଏ । ଏହାର ନିଶା ଏମିତି ଥିଲା ଯେ, ପଢ଼ା ବହି ଭିତରେ ଲୁଚାଇ ପଢୁଥିଲେ ପିଲାମାନେ । ରଙ୍ଗବେରଙ୍ଗର ସୁନ୍ଦର କଥାକୁହା ଚିତ୍ର ସାଙ୍ଗକୁ ହାସ୍ୟରସାତ୍ମକ କାହାଣୀରେ ସଭିଏ ହଜି ଯାଉଥିଲେ, ମଜ୍ଜି ଯାଉଥିଲେ । କାଳ୍ପନିକ ଦୁନିଆରେ ବୁଡ଼ି ରହୁଥିଲେ । ଅନେକ ପିଲା ତ କମିକ୍ସର ସୁପର ହିରୋ ପରି ହେବାକୁ ଚାହୁଁଥିଲେ । ପିଲାଠୁ ବୁଢ଼ାଯାଏ ସମସ୍ତେ ଏହାର ମାୟାରେ ବାୟା ହୋଇ ଯାଉଥିଲେ । ଖାସ୍‌କରି ଅଶୀରୁ ନବେ ଦଶକ ଭିତରେ କମିକ୍ସର ଚାହିଦା ଥିଲା ଶୀର୍ଷରେ । ଲକ୍ଷ ଲକ୍ଷ ସଂଖ୍ୟାରେ କପି ବିକ୍ରି ହେଉଥିଲା । ହେଲେ ଯେବେଠୁ କେବୁଲ ଟେଲିଭିଜନ, ଭିଡିଓଗେମ୍, ଇଣ୍ଟରନେଟ୍, କମ୍ପ୍ୟୁଟର ଓ ମୋବାଇଲ ଆସିଲା କମିକ୍ସ ହରାଇଲା ତା'ର ସତ୍ତା । ୫୦ରୁ ଊର୍ଦ୍ଧ୍ୱ ପ୍ରକାଶନୀ ସଂସ୍ଥାରେ ପଡିଗଲା ତାଲା । ଏବେ ବହୁତ କମ୍ ସଂଖ୍ୟାରେ ପ୍ରକାଶ ପାଉଛି କମିକ୍ସ । ତେବେ ୱେବ୍ କମିକ୍ସ ମାଧ୍ୟମରେ ଏବେ ପୁଣିଥରେ ମୁଣ୍ଡ ଟେକିବାକୁ ପ୍ରୟାସ କରୁଛି କମିକ୍ସ ।

**ଭାରତରେ କମିକ୍ସ ଶିଳ୍ପର ଆରମ୍ଭ:** ୧୯୬୦ ଦଶକର ମଧ୍ୟଭାଗରେ ପ୍ରମୁଖ ଖବରକାଗଜ 'ଦ ଟାଇମ୍ସ ଅଫ ଇଣ୍ଡିଆ' 'ଇନ୍ଦ୍ରଜାଲ କମିକ୍ସ' ଆରମ୍ଭ କରିବା ସହ ଭାରତରେ କମିକ୍ସ ଶିଳ୍ପର ଆରମ୍ଭ ହୋଇଥିଲା । ସେ ସମୟରେ ଭାରତରେ ଅନେକ ଆମଦାନୀ ହେଉଥିବା ପତ୍ରିକା ଏବଂ ବହି ଯଥା- ଟିନ୍‌ଟିନ୍, ଆଷ୍ଟେରିକ୍ସ ଏବଂ ଓବେଲିକ୍ସ, ଆର୍ଚି ଏବଂ କମାଣ୍ଡୋ ଆଦି ମଧ୍ୟ ଉପଲବ୍ଧ ଥିଲା । ସେଗୁଡ଼ିକ କିନ୍ତୁ ବହୁତ ମହଙ୍ଗା ଥିଲା । ତେଣୁ କମିକ୍ସ କେବଳ ଧନୀକ ପିଲାଙ୍କ ମଧ୍ୟରେ ସୀମିତ ଥିଲା । ୧୯୬୬ ମସିହା ବେଳକୁ 'ଇନ୍ଦ୍ରଜାଲ' ଏତେ ଲୋକପ୍ରିୟ ହୋଇଗଲା ଯେ, ଏହା ବିଭିନ୍ନ ଆଞ୍ଚଳିକ ଭାଷାରେ ପ୍ରକାଶିତ ହେବାକୁ ଲାଗିଲା । ପରବର୍ତ୍ତୀ ସମୟରେ, ୧୯୭୬ ମସିହାରେ 'ଇନ୍ଦ୍ରଜାଲ' କମିକ୍ସ ସିରିଜ ଏବଂ ଆବିଦ ସୁର୍ତି ଭାରତର ଅନ୍ୟତମ ପ୍ରାରମ୍ଭିକ କମିକ୍ସ ହିରୋ 'ବାହାଦୁର'ଙ୍କୁ ପରିଚିତ କରାଇଲେ । ବାହାଦୁର କୌଣସି ଅତିମାନବ ବା ସୁପର୍-ହ୍ୟୁମ୍ୟାନ ନ ଥିଲେ ; ବରଂ ସେ ଥିଲେ ମାଟିର ଜଣେ ପ୍ରକୃତ ସନ୍ତାନ, ଯିଏ ଚମ୍ବଲର ଭୟଙ୍କର ଡକାୟତମାନଙ୍କ ସହ ଲଢୁଥିଲେ । ତାଙ୍କ ସହ ସହଯୋଗୀ ଭାବେ ରହୁଥିଲେ ତାଙ୍କର ସୁନ୍ଦରୀ ଓ କରାଟେ-ପ୍ରବୀଣା ପ୍ରେୟସୀ ବେଲା । ପ୍ରାୟ ସେହି ସମୟରେ, ଦିଲ୍ଲୀର ଏକ ଖବରକାଗଜରେ କାମ କରୁଥିବା ଜଣେ ଯୁବ କାର୍ଟୁନିଷ୍ଟ ପ୍ରାଣ କୁମାର ଶର୍ମା 'ଡାବୁ' ନାମକ ଏକ କମିକ୍ସ ଷ୍ଟ୍ରିପ ଆରମ୍ଭ କଲେ । ଏଥିରେ ଡାବୁ ନାମକ ଜଣେ ବୁଦ୍ଧିମାନ କିଶୋର ଏବଂ ତାଙ୍କ ମାର୍ଗଦର୍ଶକ ପ୍ରଫେସର ଅଧିକାରୀଙ୍କ ସାହସିକ କାହାଣୀ ସ୍ଥାନ ପାଇଥିଲା । ପାଠକମାନଙ୍କ ମଧ୍ୟରେ ଏହା ତୁରନ୍ତ ଆଦୃତ ହେବା ସହ ପ୍ରାଣଙ୍କୁ ପ୍ରସିଦ୍ଧିର ଶୀର୍ଷକୁ ନେଇଯାଇଥିଲା । ଏହି କିମ୍ବଦନ୍ତୀ କାର୍ଟୁନିଷ୍ଟ ଆହୁରି ଅନେକ କମିକ୍ସ ଷ୍ଟ୍ରିପ୍ ସୃଷ୍ଟି କରିଛନ୍ତି, ଯାହା ମଧ୍ୟରେ 'ଶ୍ରୀମତୀଜୀ', 'ପିଙ୍କି', 'ବିଲ୍ଲୁ' ଏବଂ 'ଚାଚା ଚୌଧୁରୀ' ସବୁଠାରୁ ଅଧିକ ଲୋକପ୍ରିୟ ।

**ଭାରତୀୟ କମିକ୍ସର ବିବର୍ତ୍ତନ:** ଭାରତୀୟ କମିକ୍ସର ବିବର୍ତ୍ତନକୁ ମୁଖ୍ୟତଃ ତିନୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ । ପ୍ରଥମ ପର୍ଯ୍ୟାୟରେ ୧୯୫୦ ଦଶକ ପାଖାପାଖି 'ଦ ଫାଣ୍ଟମ', 'ମାଣ୍ଡ୍ରେକ', 'ଫ୍ଲାସ ଗର୍ଡନ' ଏବଂ 'ରିପ କର୍ବି' ଭଳି ସିଣ୍ଡିକେଟେଡ ଷ୍ଟ୍ରିପଗୁଡ଼ିକ ଭାରତୀୟ ଭାଷାରେ ଅନୁବାଦ ହୋଇଥିଲା । ଏହି କମିକ୍ସ ବହିଗୁଡ଼ିକର ସଫଳତା ପରେ ଅନେକ ପ୍ରକାଶକ ସମାନ ଧରଣର ଶୀର୍ଷକ ପ୍ରକାଶ କରିବାକୁ ଚେଷ୍ଟା କରିଥିଲେ । ୧୯୬୦ ଦଶକର ଶେଷ ଭାଗରେ 'ଅମର ଚିତ୍ର କଥା' ମାଧ୍ୟମରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା, ଯେଉଁଥିରେ ଶତ ପ୍ରତିଶତ ଭାରତୀୟ ବିଷୟବସ୍ତୁ ରହିଥିଲା । 'ଇଣ୍ଡିଆ ବୁକ ହାଉସ'ର ସମ୍ପାଦକ ଅନନ୍ତ ପାଇ ଏବଂ ପ୍ରକାଶନ ନିର୍ଦ୍ଦେଶକ ଏଚ.ଜି. ମିରଚନ୍ଦାନୀ ଏହାକୁ ଆରମ୍ଭ କରିଥିଲେ । ୭୦ ଦଶକରେ ପାଶ୍ଚାତ୍ୟ ସୁପରହିରୋ କମିକ୍ସ ସହିତ ପ୍ରତିଯୋଗିତା କରିବା ପାଇଁ ଅନେକ ଦେଶୀ କମିକ୍ସ ଆରମ୍ଭ କରାଯାଇଥିଲା । ଅନନ୍ତ ପାଇ ୧୯୬୯ ମସିହାରେ 'କୃଷ୍ଣ' ସିରିଜ୍ ପ୍ରକାଶ କରିଥିଲେ । ଏହା ହିନ୍ଦୀ ବଦଳରେ ଇଂଲିଶ ଭାଷାରେ ପ୍ରକାଶିତ ହୋଇଥିଲା । କାରଣ ଅନନ୍ତ ପାଇ ଜାଣିଥିଲେ ଯେ, ଏଭଳି କମିକ ବହି ପାଇଁ ଭାରତର ସହରାଞ୍ଚଳରେ ଦ୍ରୁତ ଗତିରେ ବଢୁଥିବା ଇଂଲିଶଭାଷୀ ମଧ୍ୟବିତ୍ତ ଶ୍ରେଣୀ ହିଁ ପ୍ରକୃତ ବଜାର । ଅନନ୍ତ ପାଇଙ୍କ ଦ୍ୱାରା ପରିକଳ୍ପିତ ଏବଂ ତାଙ୍କ ଦ୍ୱାରା ହିଁ ଅଧିକାଂଶ କାହାଣୀ ଲିଖିତ ଏହି ସିରିଜ ଭାରତୀୟ ପାଠକମାନଙ୍କ ପାଇଁ ଏକ ଆନନ୍ଦଦାୟକ ପରିବର୍ତ୍ତନ ଥିଲା ଏବଂ ଅଳ୍ପ ସମୟ ମଧ୍ୟରେ 'ଅମର ଚିତ୍ର କଥା' ଭାରତର ପ୍ରତିଟି ଘରେ ଏକ ପରିଚିତ ନାମ ପାଲଟିଗଲା । ଆଜି ସାରା ବିଶ୍ୱରେ ଏହାର ୧୦୦ ମିଲିୟନରୁ ଅଧିକ କପି ବିକ୍ରି ହୋଇସାରିଛି ଏବଂ 'ଅମର ଚିତ୍ର କଥା' ପ୍ରକୃତ ଭାରତୀୟ କମିକ୍ସ ବହିର ସଂଜ୍ଞା ପାଲଟିଛି ।


**ଡାଇମଣ୍ଡ କମିକ୍ସର ଆରମ୍ଭ, ଅମିତାଭ ପାଲଟିଲେ ସୁପରହିରୋ:** 'ଅମର ଚିତ୍ର କଥା'ର ସଫଳତା ପଛେ ପଛେ ନୂଆଦିଲ୍ଲୀର 'ଡାଇମଣ୍ଡ କମିକ୍ସ' ମଧ୍ୟ ଆଗେଇ ଆସିଲା । ୧୯୭୮ ମସିହାରେ, ଏହା ଭାରତର ନିଜସ୍ୱ ସୁପରହିରୋ 'ଫୌଲାଦୀ ସିଂ'ଙ୍କୁ ପରିଚିତ କରାଇଲା । ୮୦ ଦଶକର ପ୍ରାରମ୍ଭରେ ସୁପରହିରୋ କମିକ୍ସ ତୃତୀୟ ପର୍ଯ୍ୟାୟ ସୃଷ୍ଟି କରିଥିଲା, ଯେଉଁଥିରେ ସ୍ରଷ୍ଟା ଓ ପ୍ରକାଶକମାନେ ପାଶ୍ଚାତ୍ୟର ସୁପରହିରୋ ଶୈଳୀକୁ ଅନୁକରଣ କରି ଲାଭ ଉଠାଇବାକୁ ଚେଷ୍ଟା କରିଥିଲେ । ଏପରିକି ଅମିତାଭ ବଚ୍ଚନ ମଧ୍ୟ 'ସୁପ୍ରିମୋ' ନାମକ ଜଣେ ସୁପରହିରୋର ମୁଖ୍ୟ ଚେହେରା ହୋଇଥିଲେ । 'ଇଣ୍ଡିଆ ବୁକ ହାଉସ'ର ଏକ ଶାଖା 'ଷ୍ଟାର୍ କମିକ୍ସ' ଦ୍ୱାରା ପ୍ରକାଶିତ ଏହି ସିରଜରେ ଅମିତାଭ ଏକ ମୁଖା ପିନ୍ଧି ନିଜର ପୋଷା ଡଲଫିନ ଓ ବାଜପକ୍ଷୀ ସହିତ ମିଶି ଅପରାଧ ବିରୋଧରେ ଲଢୁଥିବା ଦେଖିବାକୁ ମିଳୁଥିଲା । ୧୯୮୦ ଦଶକରେ ଭାରତରେ 'ହିରୋଜ ଅଫ୍ ଫେଥ୍' ସିରିଜ ଭଳି କମିକ୍ସର ପ୍ରାୟ ୫.୫ ନିୟୁତ କପି ବିକ୍ରି ହୋଇଥିଲା । ଏହି ସମୟରେ















ଅଙ୍କଲ ପାଇ ଆଉ ଏକ ଅତି ସଫଳ କମିକ ସିରିଜ 'ଟିଙ୍କଲ' ଆରମ୍ଭ କରିଥିଲେ। ଯାହାକି ଭାରତୀୟ ପାଠକମାନଙ୍କ ମଧ୍ୟରେ ତୁରନ୍ତ ଲୋକପ୍ରିୟ ହୋଇପାରିଥିଲା। ୮୦ ଦଶକର ଅନ୍ୟ ଏକ ଲୋକପ୍ରିୟ କମିକକ୍ସ ପତ୍ରିକା ଥିଲା 'ଟାର୍ଗେଟ'। ତେବେ ଭାରତର ସର୍ବପ୍ରଥମ ସୁପରହିରୋମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି 'ବାତୁଲ ଦ ଗ୍ରେଟ', ଯାହାକୁ ୧୯୬୦ ଦଶକରେ ନାରାୟଣ ଦେବନାଥ ସୃଷ୍ଟି କରିଥିଲେ। ୧୯୬୨, 'ଶୁକ୍ତାରା' ପତ୍ରିକାରେ ଏହା ପ୍ରକାଶ ପାଇଥିଲା। ସେ ତାଙ୍କର ପୂର୍ବ କମିକ ଷ୍ଟ୍ରିପ 'ହାଣ୍ଡା ଭୋଣ୍ଡା', 'ଲରେଲ ଏବଂ ହାର୍ଡି' ଦ୍ୱାରା ଅନୁପ୍ରାଣିତ ହୋଇ ଏହାକୁ ସୃଷ୍ଟି କରିଥିଲେ।

**ରାଜ କମିକ୍ସର ଶୁଭାରମ୍ଭ:** ଭାରତୀୟ କମିକ୍ସ ଜଗତରେ ପରବର୍ତ୍ତୀ ଏକ ବଡ଼ ପରିବର୍ତ୍ତନ ୧୯୮୬ ମସିହାରେ ଆସିଥିଲା, ଯେତେବେଳେ 'ରାଜ କମିକ୍ସ'ର ଶୁଭାରମ୍ଭ ହେଲା। କିଛି ସମୟ ପାଇଁ 'ରାଜ କମିକ୍ସ' ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଥିଲା ଏବଂ ପ୍ରତି ମାସରେ ଏହାର ହଜାର ହଜାର କପି ବିକ୍ରି ହେଉଥିଲା। ଏହାର ସୁପରହିରୋ ସିରିଜ 'ପରମାଣୁ' ବହୁତ ଲୋକପ୍ରିୟ ଥିଲା। କହିବାକୁଗଲେ ଅଶିରୁ ନବେ ଦଶକ ଭିତରେ କମିକ୍ସ ଶିଳ୍ପ ଚରମ ଶୀର୍ଷରେ ପହଞ୍ଚିଥିଲା।

**କମିକ୍ସର କମିଲା ଚାହିଦା:** ଦୁର୍ଭାଗ୍ୟକୁ ୯୦ ଦଶକର ଶେଷ ଭାଗରେ କେବୁଲ ଟେଲିଭିଜନ, ଇଣ୍ଟରନେଟ, ଗେମିଂ ଇଣ୍ଡଷ୍ଟ୍ରୀ ଓ ଅନ୍ୟାନ୍ୟ ମନୋରଞ୍ଜନ ମାଧ୍ୟମର ଆଗମନ ଯୋଗୁଁ କମିକ୍ସ ଶିଳ୍ପ ଉପରେ ପ୍ରଭାବ ପଡ଼ିଲା। ଏହାର ଚାହିଦା କମିଲା। ଏମିତିକି ୧୯୯୧ ମସିହାରେ 'ଇନ୍ଦ୍ରଜାଲ' କମିକ୍ସ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଭାରତୀୟ କମିକ ଶିଳ୍ପରେ ଏହି ନିସ୍ତବ୍ଧତା ୧୯୯୮ ପର୍ଯ୍ୟନ୍ତ ଜାରି ରହିଥିଲା।

**ମନେପଡେ ଏହିସବୁ କମିକ୍ସ:** ଯେଉଁ କମିକ୍ସଗୁଡ଼ିକ ଦିନେ ଘରେ ଘରେ ଛୋଟରୁ ବଡ଼ ସମସ୍ତଙ୍କ ହୃଦୟକୁ ଛୁଇଁଥିଲା ସେଗୁଡ଼ିକ ହେଉଛି–

**ଚାଚା ଚୌଧୁରୀ:** କମ୍ ଉଚ୍ଚତାର ମଣିଷଟିଏ। ମୁଣ୍ଡରେ ନାଲି ପଗଡ଼ି। ମୋଟା ମୋଟା ଧଳା ନିଶ। ସେ ହେଉଛନ୍ତି ଚାଚା ଚୌଧୁରୀ। ତାଙ୍କ ସାଙ୍ଗ ପୁଣିଥିଲେ ତାଙ୍କ ପତ୍ନୀ, ବିଲେଇ ରକେଟ ଏବଂ ବୃହସ୍ପତି ଗ୍ରହରୁ ଆସିଥିବା ତାଙ୍କର ବିଶାଳକାୟ ସହକାରୀ ସାବୁ। ଏସବୁ ଚରିତ୍ରକୁ ନେଇ ସୃଷ୍ଟ ଉକ୍ତ କମିକ୍ସ ଥିଲା ଏକ ଚମତ୍କାର ମନୋରଞ୍ଜନର ମାଧ୍ୟମ। ଏହି କମିକ୍ସରେ ଚାଚାଙ୍କ ମସ୍ତିଷ୍କ କମ୍ପ୍ୟୁଟରଠାରୁ ଅଧିକ ଦ୍ରୁତ ଗତିରେ କାମ କରୁଥିଲା, ଯାହା ବାର୍ତ୍ତା ଦେଉଥିଲା କି ଏକ ବିଶାଳକାୟ ଶରୀର ଅପେକ୍ଷା ଏକ ଶକ୍ତିଶାଳୀ ମସ୍ତିଷ୍କ ଅଧିକ ପ୍ରଭାବଶାଳୀ।

**ତେନାଲୀ ରମଣ:** ଅସାଧାରଣ ବୁଦ୍ଧିମତା, ଚତୁରତା ଏବଂ ଜ୍ଞାନ ପାଇଁ ତେନାଲୀ ରମଣ ୧୬ଶ ଶତାବ୍ଦୀରେ ବିଜୟନଗର ସାମ୍ରାଜ୍ୟର ଶାସନ କାଳରେ ଜଣେ ପ୍ରସିଦ୍ଧ ଓ ଲୋକପ୍ରିୟ ପଣ୍ଡିତ ଭାବେ ପରିଚିତ ଥିଲେ। କୃଷ୍ଣଦେବରାୟଙ୍କ ରାଜ୍ୟରେ ଉପୁଜୁଥିବା ପ୍ରତିଟି ସମସ୍ୟାର ସମାଧାନ ତାଙ୍କ ପାଖରେ ରହୁଥିଲା। ସେହି ତେନାଲୀ ଚରିତ୍ର ବି କମିକ୍ସର ରୂପ ପାଇଥିଲା। ଆଉ ତାହା ଏତେ ଲୋକପ୍ରିୟ ହୋଇଥିଲା ଯେ, ଏବେ ବି ଏହାକୁ ଅନେକେ ଭୁଲି ପାରି ନାହାନ୍ତି।

**ବାହାଦର:** 'ବାହାଦୂର' ହେଉଛି ଭାରତର ପ୍ରଥମ କମିକ ବୁକ ସୁପରହିରୋ, ଯାହାକୁ ୧୯୭୬ ମସିହାରେ ଆବିଦ ସୁର୍ତି ସୃଷ୍ଟି କରିଥିଲେ। ଉତ୍ତର ଭାରତରେ ଡକାୟତମାନଙ୍କର ଆତଙ୍କ ଚରମ ସୀମାରେ ଥିବାବେଳେ ଏହି କମିକ୍ ସୁପର୍‌ହିରୋ ବାହାଦୂରଙ୍କର ଆଗମନ ଘଟିଥିଲା।

**ଚନ୍ଦାମାମା ବା ଜହ୍ନମାମୁ:** ଚମତ୍କାର ଚିତ୍ରାଙ୍କନ ସହ ପୌରାଣିକ ଏବଂ ମନ୍ତ୍ରମୁଗ୍ଧକାରୀ ଯାଦୁକରୀ କାହାଣୀ ଚନ୍ଦାମାମାର ଲୋକପ୍ରିୟତା ବଢାଇଥିଲା। ଏହାର ଅନନ୍ୟ ଗଳ୍ପ ଉପସ୍ଥାପନ କରିବାର ଶୈଳୀ ସମସ୍ତଙ୍କୁ ବାନ୍ଧି ରଖୁଥିଲା। ୧୯୪୭ ମସିହାରେ ପ୍ରଥମେ ତେଲୁଗୁ ଏବଂ ତାମିଲ ଭାଷାରେ ପ୍ରକାଶିତ ଏହି ପତ୍ରିକାର କନ୍ନଡ ଏବଂ ହିନ୍ଦୀ ସଂସ୍କରଣ ୧୯୪୯ରେ ପ୍ରକାଶ ପାଇଥିଲା। ଏହାପରେ ୧୯୫୨ରେ 'ଚାନ୍ଦୋବା' ନାମରେ ମରାଠୀରେ ଏବଂ 'ଅମ୍ବିଲି ଆମ୍ମାଭାନ' ନାମରେ ମାଲାୟଲମରେ, ୧୯୫୪ରେ ଗୁଜରାଟୀ, ୧୯୫୫ରେ ଇଂଲିଶ, 'ଜହ୍ନମାମୁଁ' ନାମରେ ଓଡ଼ିଆରେ ଓ ୧୯୫୬ରେ ସିନ୍ଧି, ୧୯୭୨ରେ ବଙ୍ଗଳା, ୧୯୭୫ରେ ପଞ୍ଜାବୀ, ୧୯୭୬ରେ ଅହମିଆ, ୧୯୭୮ରେ ସିଂହଳୀ, ୧୯୮୪ ଏପ୍ରିଲରେ ସଂସ୍କୃତ ଏବଂ ୨୦୦୪ରେ ସାନ୍ତାଳୀ ସଂସ୍କରଣ ପ୍ରକାଶିତ ହୋଇଥିଲା। ୧୩ଟି ଭାଷାରେ ଏହା ପ୍ରକାଶ ପାଉଥିଲା। ଏହି ପତ୍ରିକାର ଶେଷ ସଂଖ୍ୟା ୨୦୧୩ ମସିହାରେ ପ୍ରକାଶ ପାଇଥିଲା।

**ଟିଙ୍କଲ:** ଭାରତରେ ଏମିତି ବହୁତ କମ୍ ଲୋକ ଥିବେ, ଯେଉଁମାନେ ପିଲାଦିନେ ଟିଙ୍କଲ ପଢ଼ି ନ ଥିବେ। ୧୯୮୦ ମସିହାରେ ପ୍ରଥମ କରି ପ୍ରକାଶିତ ଏହି ପତ୍ରିକାଟି ଭାରତର ସବୁଠାରୁ ଲୋକପ୍ରିୟ କମିକ୍ସ ବହିଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏହି ପତ୍ରିକାରେ ଥିବା ବିଭିନ୍ନ ଚରିତ୍ର ଯଥା ସୁପାଣ୍ଡି, ଶିକାରୀ ଶମ୍ଭୁ, ରାମ ଓ ଶ୍ୟାମ ଇତ୍ୟାଦି ଅତ୍ୟନ୍ତ ମନୋରଞ୍ଜନଧର୍ମୀ ଏବଂ ଆନନ୍ଦଦାୟକ।

**ଆକବର–ବୀରବଲ:** ଆକବର–ବୀରବଲ କାହାଣୀଗୁଡ଼ିକ ଏକାଧାରରେ ହାସ୍ୟରସାତ୍ମକ ଏବଂ ଜ୍ଞାନଭିତ୍ତିକ ଥିଲା। ଆକବରଙ୍କ ଦରବାରରେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଜ ଚତୁରତା ଦ୍ୱାରା ପରାସ୍ତ କରିବାର ବୀରବଲଙ୍କ ଦକ୍ଷତା ସମସ୍ତଙ୍କୁ ହସେଇ ହସେଇ ବେଦମ କରୁଥିଲା। ବୀରବଲ ଯେଉଁଭଳି ଭାବେ ଜଟିଳ ସମସ୍ୟାଗୁଡ଼ିକର ସରଳ ଏବଂ ହାସ୍ୟୋଦ୍ଦୀପକ ସମାଧାନ ପ୍ରଦାନ କରୁଥିଲେ, ତାହା ହିଁ ଏହି କାହାଣୀଗୁଡ଼ିକୁ ସଫଳ କରିଥିଲା।

**ପଞ୍ଚତନ୍ତ୍ର:** ପଞ୍ଚତନ୍ତ୍ରର କାହାଣୀଗୁଡ଼ିକ ପାଞ୍ଚଟି ଭାଗରେ ବିଭକ୍ତ ଏବଂ ଏଥିରେ ପାଞ୍ଚଟି ମାର୍ଗ ବିଷୟରେ କୁହାଯାଇଛି ଯାହା ମଣିଷକୁ ଜୀବନରେ ସଫଳ ହେବାରେ ସାହାଯ୍ୟ କରିଥାଏ। ଏହି କାହାଣୀଗୁଡ଼ିକ ମୁଖ୍ୟତଃ ପଶୁ–ପକ୍ଷୀ ଚରିତ୍ରମାନଙ୍କୁ ନେଇ ଗଢ଼ିଉଠିଛି। ତାକୁ ନେଇ ପ୍ରକାଶିତ କମିକ୍ସ ପିଲାଙ୍କର ଥିଲା ଖୁବ୍ ପ୍ରିୟ।

**ବିକ୍ରମ–ବେତାଳ:** ବିକ୍ରମ–ବେତାଳର କାହାଣୀଗୁଡ଼ିକ ୨,୫୦୦ ବର୍ଷ ପୂର୍ବେ କଶ୍ମୀରର ମହାକବି ସୋମଦେବ ଭଟ୍ଟ ଲେଖିଥିବା 'ବେତାଳ ପଞ୍ଚବିଂଶତି' ଉପରେ ଆଧାରିତ। ଏହି କାହାଣୀଗୁଡ଼ିକ ଏକ ପ୍ରେତ ବା 'ବେତାଳ' ଦ୍ୱାରା ଜଣେ ଜ୍ଞାନୀ ରାଜାଙ୍କୁ ଦିଆଯାଇଥିବା ଉପଦେଶ ଉପରେ ପର୍ଯ୍ୟବସିତ। ଏହାର ମୂଳ ବିଷୟବସ୍ତୁ ବହୁତ ଆକର୍ଷଣୀୟ ଥିଲା। ଜଙ୍ଗଲ ମଧ୍ୟ ଦେଇ ଯିବା ବାଟରେ, ବେତାଳ ରାଜାଙ୍କୁ ଏକ କାହାଣୀ ଶୁଣାଏ ଏବଂ ଶେଷରେ ସେହି କାହାଣୀର ଚରିତ୍ରମାନଙ୍କୁ ନେଇ ବିକ୍ରମଙ୍କୁ ଏକ ନୈତିକ ପ୍ରଶ୍ନ ପଚାରେ। ଯଦି ବିକ୍ରମ ଉତ୍ତର ନ ଦିଅନ୍ତି, ତେବେ ତାଙ୍କର ମୃତ୍ୟୁ ହେବାର ଭୟ ଥାଏ। କିନ୍ତୁ ଯଦି ବିକ୍ରମ ସଫଳତାର ସହ ପ୍ରଶ୍ନର ଉତ୍ତର ଦିଅନ୍ତି, ତେବେ ବେତାଳ ପୁଣି ଉଡ଼ିଯାଇ ନିଜ ଗଛକୁ ଫେରିଯାଏ ଏବଂ ବିକ୍ରମଙ୍କୁ ପୁଣି ଶୂନ୍ୟରୁ ନିଜର ଯାତ୍ରା ଆରମ୍ଭ କରିବାକୁ ପଡ଼େ।

**ବାଙ୍କେଲାଲ:** ବାଙ୍କେଲାଲଙ୍କୁ 'ହାସ୍ୟରସର ସମ୍ରାଟ' କୁହାଯାଏ, କାରଣ ସେ ନିଜର ଦୁଷ୍ଟାମି ଓ ଚତୁରତା ମାଧ୍ୟମରେ ପାଠକମାନଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରନ୍ତି। ଏହି କାହାଣୀଗୁଡ଼ିକ ମୁଖ୍ୟତଃ ଏହି ବିଷୟ ଉପରେ ଆଧାରିତ ଯେ, ବାଙ୍କେଲାଲ କୌଣସି ଏକ ରହସ୍ୟ ବା ଏପରି କିଛି ଜାଣିଥାନ୍ତି ଯାହାକୁ ବ୍ୟବହାର କରି ସେ ରାଜାଙ୍କୁ ମାରିବାକୁ ଏବଂ ସିଂହାସନ ଅକ୍ତିଆର କରିବାକୁ ଚେଷ୍ଟା କରନ୍ତି। କିନ୍ତୁ ପରିଶେଷରେ, ବାଙ୍କେଲାଲଙ୍କ ସମସ୍ତ ଚତୁରତା ଓ ଷଡ଼ଯନ୍ତ୍ର ବିଫଳ ହୋଇଯାଏ ଏବଂ ରାଜାଙ୍କର କୌଣସି କ୍ଷତି ହେବା ପରିବର୍ତ୍ତେ ସେ ଓଲଟା ବହୁତ ପ୍ରଶଂସା ପାଆନ୍ତି।

**ସୁପର କମାଣ୍ଡୋ ଧ୍ରୁବ:** ରାଜ କମିକ୍ସ ଦ୍ୱାରା ପ୍ରକାଶିତ ଏହି ସୁପର ହିରୋ କମିକକୁ ଲେଖକ ଓ ଇଲୁଷ୍ଟ୍ରେଟର୍ ଅନୁପମ ସିହ୍ନା ସୃଷ୍ଟି କରିଥିଲେ। ୧୯୮୭ରେ ଏହା ପ୍ରଥମ ସଂଖ୍ୟା ପ୍ରକାଶ ପାଇଥିଲା। ଆଉ ଖୁବ୍‌ଶୀଘ୍ର ଲୋକପ୍ରିୟ ହୋଇଗଲା।






ଏମିତିକି ଏହାର ଫ୍ୟାନ ଏହାକୁ ବଲିଉଡ୍ ମୁଭି କ୍ୟାରେକ୍ଟରରେ ରୂପାନ୍ତର କରିବାକୁ ଦାବି ମଧ୍ୟ କରିଛନ୍ତି।

**ପିଙ୍କି:** ଡାଇମଣ୍ଡ କମିକ୍ସର ଏକ କମିକ ସିରିଜରେ ଜଣେ ପାଞ୍ଚ ବର୍ଷୀୟା ବାଳିକାର ଚରିତ୍ର ଚିତ୍ରଣ କରାଯାଇଛି। ତାହା ହେଉଛି ପିଙ୍କି। ୧୯୭୮ ମସିହାରେ କାର୍ଟୁନିଷ୍ଟ ପ୍ରାଣ କୁମାର ଶର୍ମାଙ୍କ ଦ୍ୱାରା ଏହି ପିଙ୍କି ଚରିତ୍ରଟି ସୃଷ୍ଟି ହୋଇଥିଲା। ଏହି କମିକ୍ସ ୧୦ଟି ଭାଷାରେ ଆସେ। ପିଙ୍କି ପ୍ରାୟତଃ ତାଙ୍କର ପୋଷା ଗୁଣ୍ଡୁଚି ମୂଷା 'କୁଟ-କୁଟ' ସହିତ ଦେଖିବାକୁ ମିଳେ।

**ଚମ୍ପକ:** ଦେଶର ସବୁଠାରୁ ଅଧିକ ପଢ଼ାଯାଉଥିବା ଶିଶୁ ପତ୍ରିକା 'ଚମ୍ପକ' ଦିଲ୍ଲୀ ପ୍ରେସ ଦ୍ୱାରା ୮ଟି ଭାଷାରେ ପ୍ରକାଶିତ ହୁଏ। ଏହା କ୍ଷୁଦ୍ର ଗଳ୍ପ, କମିକ୍ସ ଷ୍ଟ୍ରିପ୍ସ, ପ୍ରହେଳି, ବୁଦ୍ଧି ପରୀକ୍ଷାମୂଳକ ଖେଳ ଏବଂ କୌତୁକର ଏକ ସମାହାର, ଯାହା ଶିଶୁର ମସ୍ତିଷ୍କକୁ ଗତିଶୀଳ କରିଥାଏ। ଚମ୍ପକର ପ୍ରଥମ ସଂସ୍କରଣ ୧୯୬୮ ମସିହାରେ ପ୍ରକାଶିତ ହୋଇଥିଲା ଏବଂ ଏହା ତୁରନ୍ତ ଲୋକପ୍ରିୟତା ହାସଲ କରିଥିଲା।

**କମିକ୍ସ ଶିଳ୍ପର ପୁନରୁତ୍ଥାନ:** ଆଧୁନିକ ମନୋରଞ୍ଜନ ମାଧ୍ୟମର ଆଗମନରେ ଏହିଭଳି ଅନେକ କମିକ୍ସ ନିଜର ସତ୍ତା ହଜାଇବାକୁ ଲାଗିଲେ। ହେଲେ ଯେତେବେଳେ 'ଗୋଥାମ କମିକ୍ସ' ପ୍ରତିଷ୍ଠା ହେଲା ଏବଂ ଅନେକ ଲୋକପ୍ରିୟ ମାର୍ଭେଲ ଓ ଡିସି କମିକ୍ସର ସ୍ଥାନୀୟ ବିତରଣ ପାଇଁ ଅନୁମତି ପାଇଲା କମିକ୍ସ ଶୀଳ୍ପ ପୁଣି ମୁଣ୍ଡ ଟେକିଲା। ୨୦୦୪ ମସିହାରେ, ଗୋଥାମ କମିକ୍ସ ଓ ମାର୍ଭେଲ କମିକ୍ସର ମିଳିତ ସହଯୋଗରେ ସ୍ପାଇଡର୍-ମ୍ୟାନର ଏକ ଭାରତୀୟ ସଂସ୍କରଣ ସୃଷ୍ଟି କରାଯାଇଥିଲା। ୧୯୯୪ ମସିହାରେ ଅରିଜିତ ସେନଙ୍କ ଦ୍ୱାରା ଲିଖିତ ଓ ଚିତ୍ରିତ 'ରିଭର ଅଫ ଷ୍ଟୋରିଜ' ପ୍ରକାଶ ପାଇଥିଲା, ଯାହାକୁ କି ଭାରତର ଅନ୍ୟତମ ପ୍ରାରମ୍ଭିକ ଗ୍ରାଫିକ ନଭେଲ ବା ଚିତ୍ରିତ ଉପନ୍ୟାସ କୁହାଯାଏ। ତେବେ, ୨୦୦୬ ମସିହାରୁ ହିଁ ପ୍ରକୃତରେ ଭାରତୀୟ କମିକ୍ସର ପୁନର୍ଜାଗରଣ ଆରମ୍ଭ ହୋଇଥିଲା। ଗୋଥାମ କମିକ୍ସ 'ଭର୍ଜିନ କମିକ୍ସ'ରେ ରୂପାନ୍ତରିତ ହେଲା ଏବଂ ଗୌତମ ଚୋପ୍ରା ଓ ଶରଦ ଦେବରାଜନଙ୍କ ନେତୃତ୍ୱରେ ଭାରତୀୟ ପୌରାଣିକ କଥା ଓ ଇତିହାସକୁ ନେଇ ଶକ୍ତିଶାଳୀ କମିକ୍ସ ପ୍ରକାଶ କରିବା ଆରମ୍ଭ ହେଲା। ଏହି କମିକ୍ସଗୁଡ଼ିକରେ ପୁରାଣକୁ ଆଧୁନିକ ସୁପରହିରୋ କାହାଣୀର ପୃଷ୍ଠଭୂମି ଭାବରେ ବ୍ୟବହାର କରାଯାଏ। ସେମାନଙ୍କର କିଛି ଆକର୍ଷଣୀୟ କମିକ୍ସ ସିରିଜ ମଧ୍ୟରେ 'ଦେବୀ', 'ଦ ସାଧୁ', 'ପ୍ରୋଜେକ୍ଟ: କଳ୍କୀ', 'ବ୍ଲେଡ ଅଫ ଦ ୱାରିଅର୍: କ୍ଷତ୍ରିୟ(୨୦୦୮)' ଏବଂ 'ରାମାୟଣ ୩୩୯୨ ଏଡି' ଆଦି ଅନ୍ତର୍ଭୁକ୍ତ। ୨୦୦୯ ମସିହାରେ ଶ୍ରେୟସ ଶ୍ରୀନିବାସ ଏବଂ ସୁହାସ ସୁନ୍ଦର 'ଲେଭଲ ୧୦ କମିକ୍ସ' ପ୍ରତିଷ୍ଠା କରିଥିଲେ, ଯାହା 'ଜୋମ୍ବି ଥ୍ରୀଲର୍' ଭଳି ଅନନ୍ୟ ଶୈଳୀରେ ପରୀକ୍ଷା ନିରୀକ୍ଷା କରିଥିଲା। ୨୦୧୧ ମସିହାରେ, ବିବେକ ଗୋଏଲ ଏବଂ ବିଜୟେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ଅନ୍ୟ ଏକ ଆକର୍ଷଣୀୟ କମିକ ସିରିଜ ସୃଷ୍ଟି କରାଯାଇଥିଲା, ଯାହାର ନାମ ଥିଲା 'ରାବଣାୟନ'। ଏହା 'ହୋଲି କାଓ ଏଣ୍ଟରଟେନମେଣ୍ଟ' ଦ୍ୱାରା ପ୍ରକାଶିତ ହୋଇଥିଲା। ସେହି ବର୍ଷ ଅଭିଜିତ କିନି ଏବଂ ଅଧିରାଜ ସିଂ 'ଉଦ ବିଲାଓ ମାନୁଷ' ପ୍ରକାଶ କରିଥିଲେ - ଯାହା ଜଣେ ଭୋଜପୁରୀ ଭାଷୀ ନାୟକଙ୍କ ଉପରେ ଆଧାରିତ ଏକ କମିକ୍ସ ଥିଲା। ଏହାପରେ ୨୦୧୨ରେ କିନି 'ଆଙ୍ଗ୍ରି ମୌସୀ' ପ୍ରକାଶ କରିଥିଲେ। ୨୦୧୨ ମସିହାରେ ଭର୍ଜିନ କମିକ୍ସର ଗୌତମ ଚୋପ୍ରା ଏବଂ ଦେବରାଜନ 'ଗ୍ରାଫିକ ଇଣ୍ଡିଆ' ପ୍ରତିଷ୍ଠା କରିଥିଲେ। ସେମାନଙ୍କର ପ୍ରଥମ ସୁପରହିରୋ ଥିଲେ 'ଚକ୍ର ଦ ଇନଭିନସିବଲ', ଯାହାଙ୍କୁ କମିକ୍ସ ବୁକ ଜଗତର କିମ୍ବଦନ୍ତୀ ଷ୍ଟାନ ଲି ସୃଷ୍ଟି କରିଥିଲେ (ତାଙ୍କର ଅନ୍ୟାନ୍ୟ ସୃଷ୍ଟି ମଧ୍ୟରେ ଏକ୍ସ-ମ୍ୟାନ, ଦ ଇନକ୍ରେଡିବଲ ହଲ୍କ ଏବଂ ଆଇରନ ମ୍ୟାନ ଅନ୍ତର୍ଭୁକ୍ତ)। ୨୦୧୩ ମସିହାରେ ଅଭିଷେକ ସିଂଙ୍କ ଗ୍ରାଫିକ ନୋଭେଲ, 'କୃଷ୍ଣ - ଦ ଜର୍ନି ଉଇଦିନ', ଆନ୍ତର୍ଜାତୀୟ ସ୍ତରରେ ଖ୍ୟାତିସମ୍ପନ୍ନ 'ଇମେଜ କମିକ୍ସ' ଦ୍ୱାରା ପ୍ରକାଶିତ ପ୍ରଥମ ଭାରତୀୟ କୃତି ହେବାର ଗୌରବ ହାସଲ କରିଥିଲା।

**ଏବେ ସମୟ ୱେବ କମିକ୍ସର:** ସମ୍ପ୍ରତି, ଭାରତରେ ୱେବ କମିକ୍ସ ବହୁତ ଲୋକପ୍ରିୟ ହୋଇପାରିଛି। ଏହି କମିକ୍ସଗୁଡ଼ିକରେ ଏପରି ହାସ୍ୟରସ ରହିଥାଏ, ଯାହା କାହାକୁ ଆଘାତ ନ ଦେଇ ମଧ୍ୟ ନିଜର ବାର୍ତ୍ତା ସଠିକ ଭାବରେ ପହଞ୍ଚାଇଥାଏ। ଉଦାହରଣ ସ୍ୱରୂପ, 'କ୍ରୋକୋଡାଇଲ ଇନ ୱାଟର୍, ଟାଇଗର୍ ଅନ ଲ୍ୟାଣ୍ଡ' ୱେବ୍ କମିକ୍ସ ଗତ କିଛି ବର୍ଷ ଧରି ବିଭିନ୍ନ ସାମାଜିକ-ରାଜନୈତିକ-ଅର୍ଥନୈତିକ ପ୍ରସଙ୍ଗ ଉପରେ କାମ କରୁଥିବାବେଳେ, 'ସାନିଟାରୀ ପ୍ୟାନେଲ' ଜୀବନ ପ୍ରତି ଏକ ହାସ୍ୟରସପୂର୍ଣ୍ଣ ନାରୀବାଦୀ ଦୃଷ୍ଟିକୋଣ ପ୍ରଦାନ କରିଥାଏ। ଏକ ଅନନ୍ୟ ୱେବ କମିକ 'ରୟାଲ ଏକ୍ସିଷ୍ଟେନସିଆଲ୍ସ', ମୁଗଲ କାଳର ମିନିଏଚର୍ ପେଣ୍ଟିଂ ବ୍ୟବହାର କରି ଜାତିପ୍ରଥା, ନାରୀବାଦ ଏବଂ ଏପରିକି ଆନ୍ତର୍ଜାତୀୟ ଘଟଣାବଳୀ ଉପରେ ଚମତ୍କାର ଭାବେ ଆଲୋଚନା କରିଥାଏ !


**ନୂଆ ପ୍ରକାଶନୀ ସଂସ୍ଥାର ଆଗମନ:** ଗତ କିଛି ବର୍ଷ ମଧ୍ୟରେ ଲେଭଲ ୧୦ କମିକ୍ସ, ଚାରିଅଟ କମିକ୍ସ, ଆର୍କିନ କମିକ୍ସ, ନିଲା କମିକ୍ସ, ଫିକ୍ସନ କମିକ୍ସ, ଡାଇମଣ୍ଡ ବୁକ୍ସ ଭଳି କିଛି ନୂତନ ପ୍ରକାଶନୀ ସଂସ୍ଥା ବଜାରକୁ ଆସିଛନ୍ତି। ଡିଜିଟାଲ ପ୍ରତିଯୋଗିତା ସତ୍ତ୍ୱେ ଭାରତୀୟ ପ୍ରକାଶକମାନେ କମିକ୍ସକୁ ପ୍ରୋତ୍ସାହିତ କରିବା ପାଇଁ ଆନିମେସନ, ଚଳଚ୍ଚିତ୍ର, ଡିଜିଟାଲ କମିକ୍ସ ଭିଏଚ୍ଏସ୍ ଫିଲ୍ମସ୍ ଏବଂ ମୋବାଇଲ ଆପ ଭଳି ଅନେକ ଅଭିନବ ପନ୍ଥା ଆପଣାଇଛନ୍ତି। ଖାସ୍‌କରି ରାଜ କମିକ୍ସ, ଡାଇମଣ୍ଡ କମିକ୍ସ ଓ ଅମର ଚିତ୍ରକଥା ଆଦି ଏମିତିଭାବେ କମିକ୍ସକୁ ନୂଆ ରୂପ ଦେଇଛନ୍ତି। ଫଳରେ ଭାରତୀୟ ୱେବ-କମିକ୍ସ ୨୦୦୦ ଦଶକର ଆରମ୍ଭରୁ ଲୋକପ୍ରିୟ ହୋଇଛି। ଏଗୁଡ଼ିକ ମାଗଣାରେ ଉପଲବ୍ଧ ହେଉଥିବାରୁ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ରାଜନୀତି ଓ ନାରୀବାଦ ଭଳି ସାମାଜିକ ବିଷୟରେ ସଚେତନତା ସୃଷ୍ଟି କରୁଥିବାରୁ ଯୁବପିଢ଼ିଙ୍କ ମଧ୍ୟରେ ବହୁତ ପସନ୍ଦ କରାଯାଉଛି। ୨୦୧୧ରେ ଭାରତର ପ୍ରଥମ 'କମିକ କନଭେନସନ' ଆୟୋଜିତ ହୋଇଥିଲା। ୨୦୧୨ର ଆକଳନ ଅନୁଯାୟୀ, ଭାରତୀୟ କମିକ ପ୍ରକାଶନ ଶିଳ୍ପର ମୂଲ୍ୟ ୧୦୦ ମିଲିୟନ ଡଲାରରୁ ଅଧିକ ଥିଲା।

ସମ୍ପ୍ରତି, ଭାରତରେ ମାଙ୍ଗା ଏବଂ ଆନିମେର ଲୋକପ୍ରିୟତା ବୃଦ୍ଧି ପାଇଛି। ଅନେକ ଭାରତୀୟ ସ୍ରଷ୍ଟା ଜାପାନୀ ମାଙ୍ଗା ଶୈଳୀରେ ଭାରତୀୟ ପୁରାଣ ଏବଂ ଆଧୁନିକ ବିଷୟବସ୍ତୁକୁ ନେଇ କମିକ୍ସ ପ୍ରକାଶ କରୁଛନ୍ତି। ଗ୍ରାଫିକ ଇଣ୍ଡିଆର 'ପ୍ରତିଲିପି' ଏବଂ 'ଟୁନସୂତ୍ର' ଭଳି ବଡ଼ କମ୍ପାନୀଗୁଡ଼ିକ ମଧ୍ୟ ଏହି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ଏବଂ ବିଷୟବସ୍ତୁ ପ୍ରସ୍ତୁତ କରିବା ପାଇଁ 'ଏଆଇ'ର ବ୍ୟବହାର କରୁଛନ୍ତି।

ଆଧୁନିକ ମନୋରଞ୍ଜନର ମାଧ୍ୟମଗୁଡ଼ିକ ଭିତରେ କମିକ୍ସକୁ ବଞ୍ଚାଇ ରଖିବାର ଏହିସବୁ ନୂତନ ପ୍ରୟାସ କମିକ୍ସକୁ ଦେଇଛି ନୂଆ ଜୀବନ। ଆଜିକାର ପିଲାମାନେ ମୋବାଇଲ, ଟିଭିରେ ଆନିମେଟେଡ ଓ ଏଆଇରେ ତିଆରି କମିକ୍ସ ଦେଖିପାରୁଛନ୍ତି। ମଜା ଉଠାଉଛନ୍ତି। ହେଲେ ଆଗରୁ ସେଇ ନିରୋଳାରେ ବସି ହାତରେ କମିକ୍ସ ବହି ଧରି ପଢ଼ିବାର ମଜା ଆଉ ନାହିଁ।

**- ଶିବାନୀ ମହାନ୍ତି**





# ଶିଶୁସାହିତ୍ୟ ମୋର ଆତ୍ମା



"ପିଲାମାନଙ୍କ ପାଇଁ ଶିଶୁସାହିତ୍ୟ ଲେଖିବାରେ ଅମାପ ଆନନ୍ଦ ପାଇଥାଏ। ମୋତେ ଲାଗେ, ଶିଶୁ ସାହିତ୍ୟ ସତେ ଯେମିତି ମୋର ଆତ୍ମା"।


**ପ୍ରା**ୟ ୪ଦଶନ୍ଧି ଧରି ସେ ଶିଶୁସାହିତ୍ୟ, ଗଳ୍ପ, ନାଟକ ଓ ବରପୁତ୍ରଙ୍କ ଜୀବନୀ ଆଦିକୁ ନେଇ ରଚନା କରିଛନ୍ତି କୋଡ଼ିଏରୁ ଊର୍ଦ୍ଧ୍ୱ ପୁସ୍ତକ। ସେ ହେଲେ **ଡ. ହେମନ୍ତ କୁମାର ଛୋଟରାୟ**। ଜନ୍ମ ୭।୮।୧୯୬୧ମସିହାରେ। ମାତା ଜ୍ୟୋତ୍ସ୍ନାମୟୀ, ପିତା ବୃନ୍ଦାବନ ଛୋଟରାୟ। ଘର ପୁରୀ ଜିଲାର କଣାସ ବ୍ଲକ ଅଧୀନ ଗଡ଼ମାଟିଆପଡ଼ାରେ। ସେ କୁହନ୍ତି, "ଦୟାତଟରେ ମୋ ଗାଁ। ଇତିହାସ ପ୍ରସିଦ୍ଧ ଆମ ଗାଁ ନଈ। ତା'ରି ଧାରରେ ସବୁଜକ୍ଷେତର ଦୃଶ୍ୟ ଆଉ ଶରତରେ କାଶତଣ୍ଡୀର ଶୋଭାରାଜି ପୁଣି ନଈ ଆରପାରିରେ ଥିବା ଆମ୍ବତୋଟାରେ ବସିଥିବା କୋଇଲିର କୁହୁତାନ ମୋ ହୃଦୟକୁ ଛୁଇଁଯାଏ। ଗାଁରେ ପାଳନ ହୁଏ ଅନେକ ପର୍ବ ପର୍ବାଣି ଆଉ ମେଳା– ମହୋତ୍ସବ ; ଯାହାକୁ ମୁଁ ଖୁବ୍ ଉପଭୋଗ କରେ। ଆମରି ଗାଁର ପାଇକ ପୁଅ ଦିନେ ବ୍ରିଟିଶ ବିରୋଧରେ ଯୁଦ୍ଧ କରିଥିଲେ ଏକଥା ଶୁଣିଲା ବେଳକୁ ଛାତିମୋର କୁଣ୍ଢେମୋଟ ହୋଇଯାଏ। ମନରେ ଗର୍ବ ଆସେ। ଏସବୁ କିଛି ମୋତେ ଲେଖନୀ ଚାଳନାରେ ଖୋରାକ ଯୋଗାଏ। ଆମରି ଗାଁରେ ହିଁ ମୋର ପ୍ରାଥମିକ ଶିକ୍ଷା ଆରମ୍ଭ। ଏକାଦଶ ଶ୍ରେଣୀ ପାଇଁ ୭କି.ମି. ଦୂର ଚାଲି ଚାଲି କଣାସ ଉଚ୍ଚ ବିଦ୍ୟାଳୟ ଯାଉଥିଲି। ପରେ ୧୯୭୯ରେ ପୁରୀରେ ଏବଂ ପ୍ରାଣନାଥ ମହାବିଦ୍ୟାଳୟ, ଖୋର୍ଦ୍ଧାରେ ପଢ଼ିଲି। ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଇଣ୍ଟର ମିଡିଏଟ ବିଜ୍ଞାନ ଛାତ୍ର ଥିବା ବେଳେ ପିଲାଙ୍କ ପାଇଁ ଗପଟିଏ ଲେଖିଥିଲି। ସେହି ଲେଖାକୁ ବାରମ୍ବାର ପଢୁଥିଲି, ନିଜକୁ ନିଜେ ଖୁସି ହେଉଥିଲି ଯେ, ସତରେ ମୁଁ ଗପଟି ଲେଖିପାରିଛି। ଏହା ପରେପରେ ଆଉ କେତୋଟି ଗପ ଲେଖିଲି। ସେତେବେଳେ ଆମ ଘରକୁ ଶିଶୁଲେଖା ପତ୍ରିକା ଆସୁଥାଏ। ତାକୁ ପଢ଼ିବାକୁ ମୋତେ ବହୁତ ଭଲ ଲାଗେ। ସେଥିରେ କିପରି ମୋ ଲେଖା ବାହାରିବ ସେଥିପାଇଁ ମନେମନେ ଚିନ୍ତା କରୁଥାଏ। ଦିନେ ଶିଶୁ ଲେଖାରେ ପ୍ରକାଶ ପାଇବା ପାଇଁ ଲେଖାଟିଏ ନେଇ ଡାକରେ ପଠେଇଥିଲି। ୧୯୭୯ରେ ଶିଶୁଲେଖାରେ ମୋର ଏକ ଶିଶୁଗପ ଦୀପଦାନି ପ୍ରକାଶ ପାଇଥିଲା। ସେଦିନର ଖୁସି କହିଲେ ନସରେ। ଏକରେ ବାହାରିବାର ଖୁସି, ସେଥିରେ ପୁଣି ସେହି ସଂଖ୍ୟାରେ ଓଡ଼ିଶାର ଜଣାଶୁଣା ଶିଶୁ ସାହିତ୍ୟିକ ରାମକୃଷ୍ଣ ନନ୍ଦ, ସୁନାମଣି ରାଉତ, ଚନ୍ଦ୍ରଶେଖର ହୋତା, ବିଚିତ୍ରାନନ୍ଦ କର ପ୍ରମୁଖଙ୍କ ଲେଖା ପ୍ରକାଶିତ ହୋଇଥାଏ। ବହୁ ପ୍ରତିଷ୍ଠିତ ଲେଖକମାନଙ୍କ ଲେଖା ମଧ୍ୟରେ ମୋର ଏକ ଲେଖା ସ୍ଥାନ ପାଇଥିବାରୁ ମୋ ଖୁସିର ସୀମା ନଥିଲା। ପାରିଶ୍ରମିକ ବାବଦରେ ମନି ଅର୍ଡରରେ ମୋ ପାଖକୁ ଡାକଯୋଗେ ପଚାଶ ଟଙ୍କା ଆସିଥିଲା। ଏସବୁ ମିଳିଲା ପରେ ମୁଁ ଯେ କେତେ ଖୁସି ହୋଇଥିଲି ତାହା କହିହେବ ନାହିଁ। ସେହି ଦିନଠାରୁ ଜାଣ ମୋର ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ମୋର ଆକାଶବାଣୀରେ ପରିବେଷଣ ହୋଇଥିବା ନାଟକ ; ଯାହା ଶ୍ରୋତାମାନଙ୍କର ମନ କିଣି ନେଇଥିଲା। ସେମାନଙ୍କର ପ୍ରଶଂସାପୂର୍ଣ୍ଣ ପତ୍ର ମୋ ପାଇଁ ସତରେ ଅପୂର୍ବ ପୁଲକ ଆଣି ଦେଇଥିଲା। ଏ ଭିତରେ ମଞ୍ଚରେ ମଧ୍ୟ ମୋର ଲିଖିତ ନାଟକ ମଞ୍ଚସ୍ଥ ହେଲା। ନାଟକ ପରିବେଷଣ ପରେ ଦର୍ଶକଙ୍କ ପ୍ରଶଂସା ତ ବହୁତ ମିଳିଥିଲା, ମୋତେ ଏହାପରେ ଆଉ ଏକ ପରିଚୟ ବି ମିଳିଲା ; ଯାହା ମୋତେ ଅଧିକରୁ ଅଧିକ ନାଟକ ଲେଖିବା ପାଇଁ ପ୍ରେରିତ କଲା।

ତେଣୁ ଏ ଭିତରେ ମୁଁ ଗପ, କବିତା ଲେଖିବା ସହିତ ନାଟକ ଲେଖିବାରେ ବି ମନୋନିବେଶ କରୁଥାଏ। ମୋର ମଞ୍ଚସ୍ଥ ନାଟକ ମଧରେ ଅସତ୍ୟ ଇଲାକାର କାହାଣୀ, ପ୍ରକାଶିତ ପୁସ୍ତକ ମଧ୍ୟରେ ତୁମ କଥା ସତଲୋ ସଙ୍ଗାତ, ପଥିକଭାଇର ଡାକ, କୁହୁକ କଲମ, ବାଘ ବାହାଘର, ଦେଶର ସମ୍ପଦ, ନାଁ ରହିଛି କାଳକାଳକୁ, କାଳିଆ ଠାକୁରକଥା, ବିପ୍ଳବୀ ବୀର ଚାଖିଖୁଣ୍ଟିଆ କଥା, ବିପ୍ଳବୀ ଦିବାକର ପରିଡ଼ା, ଆମ ଗାଁର ନଈ, ପିଲାଙ୍କ ଆଦିବାସୀ ଲୋକ କାହାଣୀ,ଏମିତି ମହାନ୍ ଥିଲେ ଗାନ୍ଧିଜୀ, ସୁନାପିଲା ଆମ ସୁନା ନାତି, ପିଲାଙ୍କ ଏକାଙ୍କିକାମାଳା ଆଦି ଅନ୍ୟତମ। ଏହାବାଦ୍ ଓଡ଼ିଶା ସାହିତ୍ୟ ଏକାଡେମୀ ଓ କେନ୍ଦ୍ର ସାହିତ୍ୟ ଏକାଡେମୀ ପତ୍ରିକାରେ ମୋର ଶିଶୁକବିତା ପ୍ରକାଶିତ ହୋଇଛି। ଏହାଛଡ଼ା ଏକାଧିକ ଶିଶୁ ଗଳ୍ପ ସଂକଳନ ବି ପ୍ରକାଶିତ ହୋଇଛି। ନ୍ୟାଶନାଲ ବୁକ୍ ଟ୍ରଷ୍ଟ ନୂଆଦିଲ୍ଲୀ ଦ୍ୱାରା ୪ଖଣ୍ଡ ଶିଶୁ ସାହିତ୍ୟ ପୁସ୍ତକ ଅନୁବାଦ କରିଛି। ଏଥିସହିତ ଆକାଶବାଣୀ କଟକ ଦ୍ୱାରା ରାଣୀ, ସକାଳ ଆସୁଛି, ଠାକୁର ଆଦି ନାଟକ ପ୍ରସାରିତ ହୋଇଛି। ହିନ୍ଦୀ ଭାଷାର ମଧ୍ୟ କେତୋଟି ପୁସ୍ତକ ଅନୁବାଦ କରିଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଚନ୍ଦ୍ରଶେଖର ରଥଙ୍କ ଗଳ୍ପରେ ଅଲୌକିକତା ଶୀର୍ଷକ ଗବେଷଣା ନିବନ୍ଧ କରି ୨୦୦୭ରେ ପିଏଚ.ଡି. ହାସଲ କରିଛି। ୧୯୮୩ରେ ସରକାରୀ ପାଠ୍ୟ ପୁସ୍ତକ ମୁଦ୍ରଣାଳୟ ଭୁବନେଶ୍ୱରରେ ଚାକିରି କରିଥିଲି ଓ ୨୦୨୧ରୁ ଅବସର ନେଇସାରିଲିଣି। ମାତ୍ର ସାହିତ୍ୟ ସାଧନା ମୋର ଚାଲୁ ରହିଛି। ପିଲାମାନଙ୍କ ପାଇଁ ଶିଶୁସାହିତ୍ୟ ଲେଖିବାରେ ଅମାପ ଆନନ୍ଦ ପାଇଥାଏ। ମୋତେ ଲାଗେ, ଶିଶୁ ସାହିତ୍ୟ ସତେ ଯେମିତି ମୋର ଆତ୍ମା। ୪ର୍ଥ ଶ୍ରେଣୀରେ ପଢୁଥିବା ସମୟର ଗୋଟିଏ ଅଭୁଲା ଘଟଣା ମନେପଡୁଛି– ବାବୁଜୀ (ବାପାଙ୍କୁ ବାବୁଜୀ ଡାକେ) ସେତେବେଳେ ଥିଲେ କଣାସ ବ୍ଲକର ଭାଇସ୍ ଚେୟାରମ୍ୟାନ ଓ ପାଣ୍ଡିଆକେରା ପଞ୍ଚାୟତର ସରପଞ୍ଚ। ସେ ସବୁଦିନ କଣାସ ଯାଆନ୍ତି। ମୁଁ ତାଙ୍କ ସାଙ୍ଗରେ ଯିବାକୁ ଭାରୀ ଭଲ ପାଏ। ସେ ମୋତେ ନ ନେଇ ଦିନେ କଣାସ ଗଲେ। ମୁଁ ମଧ୍ୟ ତାଙ୍କ ପଛେ ପଛେ ଚାଲିଲି। ବାପା ଦୟା ନଦୀ ପାର ହେଲା ବେଳେ ପଛକୁ ଚାହିଁ ଦେଖିଲେ ମୁଁ ପାଣିରେ ପଶିବାକୁ ଯାଉଛି। ସେ ବିକଳ ହୋଇ ଧାଇଁ ଆସି ମୋତେ ତାଙ୍କ କାନ୍ଧରେ ବସେଇ ସାଙ୍ଗରେ ନେଲେ। ଫେରିବା ପରେ ବୋଉ ଉପରେ ଭୀଷଣ ରାଗିଲେ। ପରୋକ୍ଷରେ ମୋତେ ତାଗିଦ କଲେ। ସେହି ଦିନଠାରୁ ଆଉ କେବେ ଅମାନିଆ ହୋଇନାହିଁ। ସେହି ଘଟଣାକୁ ନେଇ ଗପଟିଏ ଲେଖିଥିଲି 'ବଦଳିଗଲା ମନ'।"

ତାଙ୍କ ସୃଜନଶୀଳତା ପାଇଁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନରୁ ତାଙ୍କୁ ମିଳିଛି ଏକାଧିକ ସମ୍ମାନ ଓ ପୁରସ୍କାର। ଯାହା ମଧ୍ୟରେ ଭୁବନେଶ୍ୱର ପୁସ୍ତକମେଳା, ଫକୀର ମୋହନ ଶିଶୁ ସାହିତ୍ୟ ସମ୍ମାନ ଆଦି ପରି ଅନେକ ସମ୍ମାନ।

**–ବନବିହାରୀ ବେହେରା**








# କୁହୁଡ଼ି

–ଅମିୟ ବେକ୍

ତା'କୁ ଲାଗୁଥିଲା ସେ ଏବେ ତା' ହାତ ଛାଡ଼ିଦେବ। ଯେମିତି ଛାଡ଼ି ଦେଇଥିଲା ବିନୀତ୍ ଦିନେ, ଆଉ ଶୀତାଂଶୁ ବି ଦିନେ। କାରଣ ହାତ ଥାମିବା ବେଳର ପ୍ରତିଶ୍ରୁତି ସବୁ ସମୟକ୍ରମେ ସରିସରି ଆସେ। ବିଗ–ବବୁଲର ମିଠାସ ପରି। ତଥାପି ବାଧ କରି ଚୋବାଇଲେ ପାଟି–ଗାଲ–ଜିଭ ସବୁ ଖଣ୍ଡିଆ। ଏଇ ନିୟମଟି ସହ ଏତେ ପରିଚିତ ଥିଲା ଯେ', ସେଥିପାଇଁ ତା'କୁ ଲାଗୁଥିଲା,
 ସେ ନିଶ୍ଚେ ତା' ହାତ ଛାଡ଼ିଦେବ।
ତେବେ ଛାଡୁ!
ଅତିବେଶିରେ ସିଏ ମଧ୍ୟ ଗୋଟେ ଦୀର୍ଘଶ୍ୱାସ ଛାଡିବ। ଯେମିତି ବିନୀତ୍, ଶୀତାଂଶୁଙ୍କ ପାଇଁ ଦିନେ ଛାଡିଥିଲା। ବାସ୍! ଏସବୁ ପରେ ବି ଏକ ସୁଦୀର୍ଘ ଚଲାପଥ ଅଛି। ଯାହାକୁ ଏକାକୀ ଅତିକ୍ରମ କରିବାରେ ସେ' ନିଜେ ସକ୍ଷମ।

ସତକୁ ସତ ସେ ଦୀର୍ଘଶ୍ୱାସଟିଏ ଦିନେ ତା'ରି ଉଦ୍ଦେଶ୍ୟରେ ଛାଡି ପୁଣିଥରେ ଏକାକୀ ପଥର ଯାତ୍ରୀ ହେବାକୁ ସ୍ଥିର କଲା। ପାଦ ବଢ଼ାଇବାରୁ ରାସ୍ତା ଶୂନଶାନ ଆଉ ଘନକୁହୁଡ଼ି। ସବୁକିଛି ଅଦୃଶ୍ୟ – ଅସ୍ପଷ୍ଟ। ସେ କିନ୍ତୁ ନିର୍ଭୟା ଥିଲା।

କିଛି ବାଟ ଚାଲୁଚାଲୁ ଲାଗିଲା ଆଗରେ କିଏ ଜଣେ ପଛମୁହାଁ ପଥରୋଧ କରି ଛିଡା ହୋଇଛି। କୁହୁଡ଼ିର ପରାକ୍ରମ କାଟି ପାଖାପାଖି ହେଲାରୁ ଜଣାଗଲା ଅପରିଚିତଟି ତା'ରି ଆଡକୁ ହାତ ଲମ୍ୱାଇଛି। ଆଉରି ନିକଟେଇବା ପରେ ସିଏ ଖୁବ୍ ଚକିତ ହୋଇପଡ଼ିଲା ମଧ୍ୟ... ! ଅବଶ୍ୟ ଲମ୍ୱି ଥିବା ହାତଟି ବିନୀତ୍ କି ଶୀତାଂଶୁର ନ ଥିଲା।
 ତା'ରି ଥିଲା ; ଯାହାକୁ ସିଏ ଏବେ ଏବେ ଭୁଲ୍ ବୁଝି ଏତେବାଟ ଏକୁଟିଆ ଅତିକ୍ରମିବାକୁ ସ୍ଥିର କରୁଥିଲା... ।

*–ଘଟଗାଁ, କେନ୍ଦୁଝର*
*ମୋ: ୯୪୩୭୬୩୧୭୧୯*



# ଦଙ୍ଗା

*–ଶୁଭେନ୍ଦୁ ମହାନ୍ତି*

ଦଙ୍ଗା ଆସେ
ମୋ ରାଇଜକୁ
ନିରୀହ ମଣିଷର
ରକ୍ତର ହୋଲିରୁ
ଖଟିଖିଆ ଗରିବର
ଜଳୁଥିବା ଭଙ୍ଗା କୁଡ଼ିଆରୁ
ପାଉଁଶ ଗଦାରୁ
ଅଧାସିଝା ମଣିଷର ମାଂସର ଗନ୍ଧରୁ
ବିଧବା ବୁଢୀର
ଆଖିର କୋରଡ଼ ଭିତରୁ
ଅନାଥ ନିଷ୍ପାପ ଶିଶୁଟିର ଛାତିର କୋହରୁ।

ଦଙ୍ଗା ଆସେ ଏଠି
ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାର ପବିତ୍ର ପୀଠରୁ
ଶହେ ଚଉରାଳିଶ ଧାରା ଓ କର୍ଫ୍ୟୁର
ନିର୍ଦ୍ଦେଶାନାମାରୁ
କର୍ତ୍ତବ୍ୟରତ ପୁଲିସ୍‌ର ଲାଠି ପ୍ରହାରରୁ
ରାସ୍ତାରୋକ, ହରତାଳ ଓ ବନ୍ଦ ଡାକରାରୁ।

ଦଙ୍ଗା ଆସେ ଏ ଶାନ୍ତ ରାଇଜକୁ
ହିଂସାର ବାର୍ତ୍ତା ନେଇ
ଅଶାନ୍ତିର ନିଆଁ ନେଇ
ଧର୍ମକୁ ଆଖିଠାର ମାରି
ଜଳାପୋଡ଼ା, ମାଡ଼୍‌ପିଟ୍ ଓ ହାଣ୍‌କାଟ୍‌ର
କ୍ରୁର ନଗ୍ନ ମାନଚିତ୍ର ତଳୁ ।

– ଭୁବନେଶ୍ୱର
*ମୋ: ୯୪୩୭୭୭୫୭୫୭*

# ତୁମେ ଆସିବ ନିଶ୍ଚେ

–ରଶ୍ମି ମହାପାତ୍ର

ମୁଁ ଅପେକ୍ଷା କରିଛି
ତୁମେ ନିଶ୍ଚୟ ଆସିବ ।
ଏତେ ଲମ୍ୱା ବାଟ ଚାଲିବା ପରେ
ଅନୁଭବୀ ମନଟା ବୋହି ବୋହି
କ୍ଲାନ୍ତ ଶ୍ରାନ୍ତ ହୋଇଥିବ,
ଅବା କମଣ୍ଡଳୁ ଓ ଲେଙ୍ଗୁଟିରେ
କାମନା ବାସନା
ଜିତିବାର ଉପକ୍ରମ କରୁଥିବ,
ଅବା ବାହା ପ୍ରସାରି ଧାଇଁ ଆସିବ
ଆଲିଙ୍ଗନ କରିବାକୁ ଥରୁଟିଏ ପାଇଁ,
ଯାହା ମୁଁ ଏପର୍ଯ୍ୟନ୍ତ ସ୍ୱପ୍ନରେ ଦେଖୁଛି ;
ମୋ ଦ୍ୱାର ଖୋଲା ଅଛି,
ମୋ ସମ୍ମୁଖରେ
କାନ୍ଥଘଣ୍ଟା ଟିକ୍ ଟିକ୍ କରୁଛି,
ଅକ୍ସିଜେନ ସିଲିଣ୍ଡର ସରି ଆସୁଛି ।

ମୁଁ ଜାଣେ,
ତୁମେ ନିଶ୍ଚୟ ଆସିବ ।
ମୁଁ ବଞ୍ଚିଛି ସେ ପର୍ଯ୍ୟନ୍ତ ।
– ବି ୧୦୪
*ଓଶିୱାରା, ମୁମ୍ୱାଇ*
*ମୋ: ୯୩୨୪୯୬୮୭୮୯*

# ତୋ ଆଖି

–ରଜତ ମହାନ୍ତି

ଯେବେ ବି ଲେଖିଛି
ତୋ ଆଖି ଉପରେ
ଏମିତି କାହିଁକି ଲାଗେ,
କଲମ ହିଁ କବି
ମୋ ନାମ କେବଳ
ତଳେ ଛଦ୍ମନାମ ଭାବେ।
*–ବଳଗଣ୍ଡି, ପୁରୀ*
*ମୋ: ୮୯୦୮୦୬୬୫୬୨*



ସାରା

# ଫୁଡ୍ ବ୍ଲଗର ହୋଇଥାନ୍ତେ ସାରା

ସୈଫ ତନୟା ସାରା ବଲିଉଡ୍‌ରେ ନିଜ ଅଭିନୟ କ୍ୟାରିୟର ଜାରି ରଖିଛନ୍ତି। ହେଲେ ଯଦି ସେ ଅଭିନୟ ନ କରିଥାଆନ୍ତେ ତେବେ ତାଙ୍କୁ ଆଉ ଏକ ରୂପରେ ଆମେ ଦେଖିବାକୁ ପାଇଥାଆନ୍ତୁ। କଥା କ'ଣ କି ଆକ୍ଟିଂ କରିବା ପୂର୍ବରୁ ତାଙ୍କର ଏକ ଆଶା ରହିଥିଲା। ତାହା କ'ଣ ଜାଣିବେନି ? ଏ ବିଷୟରେ ସାରା କହନ୍ତି, ''ପିଲାଟି ଦିନରୁ ଖାଇବା ପ୍ରତି ମୋର ପ୍ରବଳ ଲୋଭ ଥିଲା। ଆଉ ସେଥିପାଇଁ ମୋ ଓଜନ ବି ବଢ଼ିଯାଇଥିଲା। ଏପରି କି ପ୍ରଥମ ସିନେମା 'କେଦାରନାଥ' ଲାଗି ମୋତେ ଓଜନ କମାଇବାକୁ ପଡିଥିଲା। ହେଲେ ପୂର୍ବରୁ ଖାଇବା ଲୋଭ ମୋତେ ଏମିତି ପାଗଳ କରିଥିଲା ଯେ, ମୁଁ ଡିସାଇଡ୍ କରିନେଇଥିଲି ଯଦି ଭବିଷ୍ୟତରେ ମୋତେ କିଛି କ୍ୟାରିୟର କରିବାକୁ ପଡେ ତେବେ ମୁଁ ଜଣେ ଫୁଡ୍ ବ୍ଲଗର ହେବି। ହେଲେ ମୁଁ କ'ଣ ଜାଣିଥିଲି ଯେ ଦିନେ ମୋତେ ବଲିଉଡ୍‌ରେ ସୁଯୋଗ ମିଳିବ, ଆଉ ତା'ପରେ ଅଭିନୟ ମୋର ନିଶା ପାଲଟି ଯିବ ! ଯାହାହେଉ, ଦର୍ଶକଙ୍କ ଭଲ ପାଇବା ଆଜି ମୋତେ ବଲିଉଡ୍‌ରେ ତିଷ୍ଠି ରହିବାକୁ ସାହାଯ୍ୟ କରିଛି।'' ତେବେ ଜାଣନ୍ତି କି ସାରା ଯଦି କେବେ ବୁଲିବାକୁ ଇଚ୍ଛା କରନ୍ତି, ସେ ପବ୍ଲିକ ଟ୍ରାନ୍ସପୋର୍ଟ ଦ୍ୱାରା ଯାତାୟାତ କରନ୍ତି। ବିଶେଷ ଭାବରେ ମୁମ୍ବାଇ ମେଟ୍ରୋ ଟ୍ରେନ୍‌ରେ ଯିବାଆସିବା କରିବାକୁ ତାଙ୍କୁ ଭଲ ଲାଗେ।

# ମଡେଲ୍‌ରୁ ଅଭିନେତ୍ରୀ

କ୍ରିତି ସାନନ୍ ଯେତେବେଳେ କଲେଜରେ ପଢୁଥିଲେ ସେତେବେଳେ ତାଙ୍କୁ ମଡେଲିଂ କରିବାର ସୁଯୋଗ ମିଳିଥିଲା। ଆଉ ଯେତେବେଳେ ସେ ପ୍ରଥମ ଥର ର୍‍ୟାମ୍ପ ଶୋ'ରେ ଭାଗ ନେଲେ ବେଶ୍ ପ୍ରଶଂସା ସାଉଁଟିବାରେ ସକ୍ଷମ ହୋଇଥିଲେ। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ହୀରୋପନ୍ତୀ'। ହେଲେ ଏହାପୂର୍ବରୁ ସେ ବଡ ପରଦାରେ ଏଣ୍ଟ୍ରି କରିସାରିଥିଲେ। ୨୦୧୪ରେ ରିଲିଜ ହୋଇଥିଲା ତେଲୁଗୁ ଫିଲ୍ମ '୧ : ନିନୋକାଡିନି'। ଏହି ସାଇକୋଲୋଜିକାଲ ଥ୍ରୀଲରରୁ ତାଙ୍କର ଆକ୍ଟିଂ ଡେବ୍ୟୁ ହୋଇଥିଲା। ଆଉ ଗୋଟିଏ କଥା-ତାଙ୍କୁ ପହଁରିବାକୁ ଭାରି ଭୟ ଲାଗେ। ଏପରି କି ପାଣି ଭିତରକୁ ପଶିବା ପୂର୍ବରୁ ସେ ଶହେ ଥର ଚିନ୍ତା କରନ୍ତି। କିନ୍ତୁ ଏକଦା ତାଙ୍କୁ ସ୍କୁବା ଡାଇଭିଂ ଟ୍ରେନିଂ ନେବାକୁ ପଡିଥିଲା। ହିନ୍ଦୀ ଫିଲ୍ମ 'ରବ୍‌ତା'ରେ ତାଙ୍କୁ ଏଭଳି ଏକ ଶଟ୍ ଦେବାର ଥିଲା। ତେଣୁ ବାଧ୍ୟ ହୋଇ ସେ ଏନେଇ ଟ୍ରେନିଂ ନେଇଥିଲେ। କ୍ରିତି କୁହନ୍ତି, ''ଯେତେବେଳେ ମୋତେ 'ରବ୍‌ତା' ପାଇଁ ଏକ ସ୍କୁବା ଶଟ୍ ଦେବାକୁ କୁହାଗଲା ସେତେବେଳେ ମୁଁ ଟିକେ ହତବଡେଇ ଯାଇଥିଲି। ହେଲେ ମନକୁ ଦୃଢ଼ କରି ପ୍ରଥମେ ସ୍କୁବା ଡାଇଭିଂ ଶିଖିଲି। ଯାହାହେଉ ଏହାଦ୍ୱାରା ମୋ ମନରୁ ପାଣିରେ ପହଁରିବା ଭୟ ଦୂର ହୋଇ ଯାଇଥିଲା।'' ଅଭିନୟ ପୂର୍ବରୁ ଇଲେକ୍‌ଟ୍ରୋନିକ ଆଣ୍ଡ ଟେଲିକମ୍ୟୁନିକେଶନରେ ସେ ଡିଗ୍ରୀ ହାସଲ କରିଥିଲେ।

# ଅଭିନେତ୍ରୀ ହୋଇ ନ ଥିଲେ..

ରଶ୍ମିକା ମନ୍ଦାନା ଅଭିନୟରେ ନିଜ ଦକ୍ଷତା ଦେଖାଇବା ପରେ ଇତିମଧ୍ୟରେ ବିବାହ ବନ୍ଧନରେ ମଧ୍ୟ ଆବଦ୍ଧ ହୋଇସାରିଛନ୍ତି। ହେଲେ ଯେତେବେଳେ ସେ ପାଠ ପଢୁଥିଲେ ସେତେବେଳେ ତାଙ୍କର ଲକ୍ଷ୍ୟ ଅନ୍ୟ କିଛି ଥିଲା। ସେତେବେଳେ ଆକ୍ଟିଂ ପ୍ରତି ତାଙ୍କର ଟିକିଏ ହେଲେ ଆଗ୍ରହ ନ ଥିଲା। ରଶ୍ମିକାଙ୍କର ପାଠ ପଢ଼ା କ୍ୟାରିୟର ବେଶ୍ ଭଲ ଥିଲା। ସେ ନିଜକୁ ଜଣେ ମେଧାବୀ ଛାତ୍ରୀ ଭାବରେ ପରିଚିତ କରାଇ ପାରିଥିଲେ। ପରେ ସେ ସାମ୍ବାଦିକତାରେ ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ଯଦି ଅଭିନୟକୁ ସେ କ୍ୟାରିୟର କରି ନ ଥାନ୍ତେ, ତେବେ ସେ ଜଣେ ସାମ୍ବାଦିକା ହୋଇଥାଆନ୍ତେ। ରଶ୍ମିକାଙ୍କ ବଡ ପରଦା ଜୀବନ ଆରମ୍ଭ ହୋଇଥିଲା ୨୦୧୬ରୁ ଆଉ ଫିଲ୍ମଟି ଥିଲା 'କିର୍‌କି ପାର୍ଟି'। ଅଳ୍ପ ବଜେଟରେ ପ୍ରସ୍ତୁତ ଏହି କନ୍ନଡ ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା। ଏହାବାଦ ରଶ୍ମିକା ଥରେ ଦୁଇଟି ଭଲ ଅଫର ହାତଛଡା ବି କରିଥିଲେ। ହିନ୍ଦୀ ସିନେମା 'ଜର୍ସି' ଏବଂ ତାମିଲ ଫିଲ୍ମ 'ମାଷ୍ଟର'ର ନାୟିକା ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ ପୂର୍ବରୁ ସେ ସାଇନ୍ କରିଥିବା କେତୋଟି ସିନେମା ପାଇଁ ଡେଟ୍ ଦେଇ ସାରିଥିବାରୁ ଏହି ଅଫରଦ୍ୱୟକୁ ବାଧ୍ୟ ହୋଇ ହାତଛଡା କରିଥିଲେ।

# ମାତ୍ର ତିନି ମାସ...

ଆଲିୟା ଭଟ୍ଟଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଷ୍ଟୁଡେଣ୍ଟ ଅଫ ଦ ଇୟର'। ୨୦୧୨ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ପାଇଁ ତାଙ୍କୁ କମ୍ ପରିଶ୍ରମ କରିବାକୁ ପଡି ନ ଥିଲା। କାରଣ ଶୁଟିଂ ପୂର୍ବରୁ ପ୍ରଯୋଜକ କରନ୍ ଜୋହର ତାଙ୍କୁ ଓଜନ କମାଇବାକୁ ପରାମର୍ଶ ଦେଇଥିଲେ। ଆଉ ତା'ପରେ ଆଲିୟା ଏଥିଲାଗି ଦିନରାତି ଏକାଠି କରିଦେଇଥିଲେ। ମାତ୍ର ତିନି ମାସ ଭିତରେ ତାଙ୍କର ଓଜନ ମିଶନ ସଫଳତାର ସହ ଶେଷ ହୋଇଥିଲା। ଏହି ସମୟ ଭିତରେ ସେ ୧୬ କିଗ୍ରା ଓଜନ କମାଇବାରେ ସକ୍ଷମ ହୋଇଥିଲେ। ଆଲିୟା କୁହନ୍ତି, ''କରନ୍ ଜୋହରଙ୍କ ପରି ପ୍ରଯୋଜକଙ୍କ ଫିଲ୍ମରେ ଯେ ମୁଁ ନାୟିକା ଭାବରେ କ୍ୟାରିୟର ଆରମ୍ଭ କରିବି ତାହା କେବେ କଳ୍ପନା କରି ନ ଥିଲି। ହେଲେ ଏହି ଫିଲ୍ମ ପାଇଁ ମୋତେ ଏକ ସୀମିତ ସମୟ ଭିତରେ ଓଜନ କମାଇବାକୁ ପଡିଥିଲା। ଆଉ ସେହି କାମକୁ ମୁଁ ମାତ୍ର ତିନି ମାସ ଭିତରେ ସଫଳତାର ସହ ଶେଷ କରିଥିଲି।'' କଲେଜରେ ପଢ଼ିବା ସମୟରେ ତାଙ୍କୁ ଆକ୍ଟିଂ କରିବା ନିଶା ଏମିତି ଘାରିଥିଲା ଯେ ସେ ଏଥିପାଇଁ ଅଧିକାଂଶ ସମୟ କ୍ଲାସ ଆଟେଣ୍ଡ କରୁ ନ ଥିଲେ। ପାଠ ପଢ଼ିବା ସମୟରେ ସେ ଜଣେ ପ୍ରଫେଶନାଲ ହ୍ୟାଣ୍ଡବଲ୍ ଖେଳାଳି ଥିଲେ। କଥକ ନୃତ୍ୟରେ ମଧ୍ୟ ତାଙ୍କର ପଟୁତା ଥିଲା। ସମୟ ମିଳିଲେ ସେ ଚିତ୍ର ଆଙ୍କିବାକୁ ପସନ୍ଦ କରିଥାଆନ୍ତି।

# କଥା ଦଣ୍ଡ ନାଚର

କାଙ୍ଗୁଲା ନାମକ ଏକ ଗାଁ। ଆଉ ସେଠାରେ ମା' କାଙ୍ଗୁଲାଙ୍କୁ ଗ୍ରାମବାସୀମାନେ ଦୃଢ଼ ବିଶ୍ୱାସ କରନ୍ତି। ସେଠାକାର ପ୍ରସିଦ୍ଧ ଦଣ୍ଡ ନାଚର ପ୍ରଚାର ପ୍ରସାର ପାଇଁ ସେହି ଗ୍ରାମର ଜଣେ ଯୁବକ ଆଗଭର ହେଉଛି। ଆଉ ଏହି ସମୟରେ ତାଙ୍କ ସହ ଆଉ କେତେ ଜଣ ମଧ୍ୟ ହାତ ମିଳାଉଛନ୍ତି। ତେବେ ଏଭଳି ଏକ ପ୍ରାଚୀନ ଲୋକନୃତ୍ୟକୁ ଯୁବକ ଜଣକ କେତେ ଲୋକାଦୃତ କରାଇପାରୁଛି ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଉକ୍ତ ଫିଲ୍ମର ଟାଇଟଲ ରହିଛି 'କାଙ୍ଗୁଲା : ମା' କାଳୀର ଦଣ୍ଡ ନାଚ।'। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ ଆଚାର୍ଯ୍ୟ। ତା'ସହ ସେ ହେଉଛନ୍ତି ଉକ୍ତ ଚିତ୍ରର ଅନ୍ୟତମ ପ୍ରଯୋଜକ। ଶୁଭେନ୍ଦୁ କୁମାର ମଲ୍ଲ (ଲିଟୁ) ଏବଂ ସମ୍ବିତଙ୍କ ପ୍ରଯୋଜିତ ଏହି ଭିନ୍ନଧରଣର ଫିଲ୍ମର ନାୟିକା ସାଜିଛନ୍ତି ସୂର୍ଯ୍ୟମୟୀ ମହାପାତ୍ର। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ଆଗଧାଡିର ନିର୍ଦ୍ଦେଶକ ଅଶ୍ୱିନୀ ତ୍ରିପାଠୀ। ଏଥିରେ ଅଭିଷେକ ଗିରି, ପୁପିନ୍ଦର, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ୟୁ ଟ୍ୟୁବର ଚେଷ୍ଟ ପ୍ରମୁଖ ଅଭିନୟ କରୁଛନ୍ତି। ସମ୍ବିତ ଆଚାର୍ଯ୍ୟ ଫିଲ୍ମସ ଏବଂ ସତ୍ୟନାରାୟଣ ପ୍ରଡକସନ୍ ବ୍ୟାନରରେ ଏହାକୁ ପ୍ରସ୍ତୁତ କରାଯାଇଛି। ଏହି ଫିଲ୍ମରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସୂର୍ଯ୍ୟମୟୀ। ଅନ୍ୟପକ୍ଷରେ ଫିଲ୍ମଟିର ଶୁଟିଂ ସମୟରେ ସବୁ ଦିଗ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଫିଲ୍ମଟି ଚଳିତ ମାସ ୨୪ରେ ରିଲିଜ ହେବ ବୋଲି କହନ୍ତି ସମ୍ବିତ।



ଆଲିୟା



ଆଦିତ୍ୟ

# 'ଉରି'ରୁ ପ୍ରେରଣା ମିଳିଥିଲା

ବର୍ତ୍ତମାନ ବଲିଉଡ୍‌ରେ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କୁ ନେଇ ଚର୍ଚ୍ଚା। କାରଣ ବ୍ୟାକ୍-ଟୁ-ବ୍ୟାକ୍ ଦୁଇଟି ସିନେମା- 'ଧୁରନ୍ଧର' ଏବଂ 'ଧୁରନ୍ଧର-ଦ ରିଭେଞ୍ଜ' ହିଟ୍ ସାବ୍ୟସ୍ତ ହେବା ପରେ ତାଙ୍କର ଡିମାଣ୍ଡ ଏବେ କାହିଁରେ କେତେ। ହେଲେ ଜଣେ ନିର୍ଦ୍ଦେଶକ ଭାବରେ ତାଙ୍କୁ ଆରମ୍ଭରୁ ହିଁ ସଫଳତା ମିଳିଥିଲା। ଏହାପୂର୍ବରୁ ସେ ଚିତ୍ରନାଟ୍ୟ ଏବଂ ଗୀତ ରଚନାରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ତେବେ ୨୦୧୯ରେ ରିଲିଜ ହୋଇଥିବା 'ଉରି : ଦ ସର୍ଜିକାଲ ଷ୍ଟ୍ରାଇକ୍' ତାଙ୍କ ପାଇଁ ବେଶ୍ ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା। ନିର୍ଦ୍ଦେଶକ ଭାବରେ ଏହା ଥିଲା ତାଙ୍କର ପ୍ରଥମ ସିନେମା। ଦେଶାତ୍ମବୋଧ ବିଷୟବସ୍ତୁ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଭିକି କୌଶଲ। ଫିଲ୍ମଟି ବକ୍ସ ଅଫିସରେ ଆଶାତୀତ ବିଜନେସ୍ କରିଥିଲା। କେବଳ ସେତିକି ନୁହେଁ, ଏହି ଫିଲ୍ମ ପାଇଁ ତାଙ୍କୁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏହାବ୍ୟତୀତ ଏହି ଫିଲ୍ମ ପାଇଁ ସେ ଶ୍ରେଷ୍ଠ ନବାଗତ ନିର୍ଦ୍ଦେଶକ ଭାବରେ ଫିଲ୍ମ ଫେୟାର ପୁରସ୍କାର ବି ପାଇଥିଲେ। ଏ ବିଷୟରେ ଆଦିତ୍ୟ କହନ୍ତି, ''ମୋ ନିର୍ଦ୍ଦେଶିତ ପ୍ରଥମ ସିନେମା ଯେ ଏଭଳି ଦର୍ଶକାଦୃତ ହେବ ଆଉ ମୁଁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭର ପ୍ରଥମ ପାହାଚରେ ଯେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବି-ଏକଥା କେବେ କଳ୍ପନା କରି ନ ଥିଲି। ଏହି ଫିଲ୍ମଟି ମୋ ମନୋବଳକୁ ଆହୁରି ଦୃଢ଼ କରିଦେଇଥିଲା। ଏବେ 'ଧୁରନ୍ଧର' ଏବଂ 'ଧୁରନ୍ଧର : ଦ ରିଭେଞ୍ଜ' ମଧ୍ୟ ବକ୍ସ ଅଫିସରେ ରେକର୍ଡ ସୃଷ୍ଟି କରିଛି। ତେଣୁ ଦେଶାତ୍ମବୋଧ ସିନେମା ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦେବି।''



ସୂର୍ଯ୍ୟମୟୀ



ରଶ୍ମିକା

ପ୍ରଥମ ରୋଜଗାର

# ପ୍ରଭୁଙ୍କ ସେବାରେ ଲାଗିଥିଲା ମୋ ପ୍ରଥମ ରୋଜଗାର



ସାହିତ୍ୟିକା ତୃପ୍ତି ପଣ୍ଡା ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

**ପୁ**ରୀ ଜିଲା ବଳଙ୍ଗା ନିକଟସ୍ଥ ବାୟାବର ଗ୍ରାମର ଏକ ମଧ୍ୟବିତ୍ତ ପରିବାରରେ ମୋ ଜନ୍ମ। ନନା ନିମାପଡ଼ା କଲେଜର ଜୁଲୋଜି ବିଭାଗର ଡେମୋନଷ୍ଟ୍ରେଟର ଥିଲେ। ସ୍ୱଳ୍ପ ଦରମାକୁ ଆମେ ୫ ଭାଇ ଭଉଣୀ। ମୁଁ ସମସ୍ତଙ୍କଠୁ ବଡ଼। ମୋ ହେତୁ ପାଇଲାଠୁ ଦେଖିଛି ମୋ ନନା ସାଇକେଲ ନେଇ କଲେଜ ଯାଆନ୍ତି। ଘରଠାରୁ କଲେଜ ୧୪ କି.ମି.। ବର୍ଷା, ଖରା, ଶୀତ ସବୁ ତାଙ୍କ ଲାଗି ସମାନ। ଯୌଥ ପରିବାର, ନନାଙ୍କର ଆଉ ୨ ଭାଇ, ନନା ସାନ ପୁଅ। ଘରେ ମାଆ, ଜେଜେ, ବଡ଼ ନନା, ଦଦେଇ ସମସ୍ତଙ୍କର ପିଲାପିଲି ମିଶି ୨୦/୨୧ ଜଣ। ୧୯୯୯ ମହାବାତ୍ୟା ବଦଳାଇଦିଏ ଅନେକ କିଛି। ଆମେ ନନା ତିଆରି କରିଥିବା ନୂଆ ଘରକୁ ପଳାଇଆସୁ। ତା'ପରେ ଆରମ୍ଭ ହୁଏ ଜୀବନର ନୂଆ ଏକ ପର୍ଯ୍ୟାୟ।

ପିଲାଟି ଦିନରୁ କେଉଁଥିରେ ଅଭାବ ଅନୁଭବ କରିନାହୁଁ। କହିବାକୁ ପଡ଼େନି, ମାଗିବା ଆଗରୁ ନନା ବୋଉ ଖଞ୍ଜି ଦେଉଥିଲେ ସବୁ। ନନା ବୋଉ ଖାଲି ଗେହ୍ଲାରେ ବଢ଼ାଇ ନ ଥିଲେ ଆମକୁ ସଂସ୍କାର ବି ଦେଇଥିଲେ। ନନା କୁହନ୍ତି, ସବୁବେଳେ ସତ କହିଲେ ମୁଣ୍ଡ ଉପରକୁ କରି ଚାଲିବ ଆଉ ମିଛ କହିଥିଲେ ମୁଣ୍ଡ ତଳକୁ ହୋଇଯିବ। ଆମେ ତାଙ୍କ କଥାକୁ ବେଦର ଗାର ପରି ମାନୁଥିଲୁ। ପାଟିରୁ ଡାକ ନ ସରୁଣୁ ଯାଇ ଠିଆ ହେଉଥିଲୁ।

ମୋର ଠିକ୍ ମନେଅଛି, ମୁଁ ନବମ ଶ୍ରେଣୀରେ ପଢ଼ିଲାବେଳେ ଲେଖିଥିଲି ପ୍ରଥମ କବିତା 'ଶ୍ରୀରାଧା'। ମୁଁ ବହୁତ ଜଗନ୍ନାଥ ବିଶ୍ୱାସୀ। ଜଗନ୍ନାଥ ଭଜନ ଲେଖିବାର ନିଶାରେ ବେଳେବେଳେ କବିତା ଲେଖିଦିଏ। ସ୍କୁଲ ଜୀବନ, ତା'ପରେ କଲେଜ ଜୀବନ, ଲେଖନୀ ଅଟକିଯାଇନାହିଁ ଏଯାବତ୍। ହେଲେ ମୁଁ କ'ଣ ଜାଣିଥିଲି ଏଇ କଲମ ମୋତେ ଗୋଟେ ସ୍ୱତନ୍ତ୍ର ପରିଚୟ ଦେବ। ଆଜି ଦୁଇଟି ପତ୍ରିକାର ଦାୟିତ୍ୱ ନେବା ସହ ୧୪ଟି ସଂକଳନ କରିଛି। ଲେଖାଲେଖି କରୁଥିଲି ସତ, ମାତ୍ର ମୋତେ ଜଣା ନ ଥିଲା ସାହିତ୍ୟର ଗୋଟେ ଏତେ ବଡ଼ ଦୁନିଆ ଅଛି। କାରଣ ମୁଁ ଗୋଟେ ଗାଁରେ ବଢ଼ିଥିଲି। ୧୯୯୯ରେ ମୁଁ ପ୍ରଥମେ ଭୁବନେଶ୍ୱରରେ ଏକ ସାହିତ୍ୟ ଆସରକୁ ଯାଇଥିଲି। ପରବର୍ତ୍ତୀ ସମୟରେ କଟକ, ପୁରୀ, ଯାଜପୁର, ସମ୍ବଲପୁର ଏମିତି କି କଲିକତା ଯାଇଛି ଏଇ ସାହିତ୍ୟ ନିଶାରେ। ନିମାପଡ଼ା ପାଖରେ ଗୋଟେ ଘରୋଇ ବ୍ୟାଙ୍କରେ ମୁଁ ଲୋନ୍ କ୍ଲର୍କ ଭାବେ ଜଏନ କରିଥିଲି ବିନା ଦରମାରେ। ଯେହେତୁ ଲୋନ୍ କ୍ଲର୍କ ଥିଲି କେତେବେଳେ କେମିତି କାହାର ଲୋନ୍‌ଟେ ସାନକ୍ସନ ହୋଇଗଲେ ସେ କିଛି ଟଙ୍କା ଖୁସିରେ ଦେଉଥିଲେ ; ଯାହାକି ସେଇଠି ଆମେ ଭୋଜି କରି ଖାଇଦେଉ। ୨୦୦୬ରେ ପ୍ରଥମେ ଯେତେବେଳେ 'ନିଷିଦ୍ଧ ହୃଦୟ' କବିତା ସଂକଳନ ପ୍ରକାଶ ପାଇଲା ମୋ ଖୁସିର ସୀମା ନ ଥିଲା। କଟକର ଗୋଟେ ପ୍ରେସ୍‌ରେ ମୁଁ ସେ ବହି ନିଜେ ବୁଝାବୁଝି କରିଥିଲି। ବହି ପାଇଁ ଯେଉଁ ଖର୍ଚ୍ଚ ଲାଗିଥିଲା ନନା ଦେଇଥିଲେ ମାତ୍ର ବହି ସବୁ ଯେତେବେଳେ ମୁଁ ନେଇ ଘରକୁ ଆସିଲି ନନା ଟିକିଏ ଅଶାନ୍ତି ହୋଇଥିଲେ। କହିଥିଲେ, ''ଏ ବହି, ଏ କବିତା, ସାହିତ୍ୟ କ'ଣ ତୋତେ ରୋଜଗାର ଦେବ।'' ତା'ପରେ ସେହି ୨୦୦୬ରେ ମୋର ବାହାଘର ହୋଇଯାଏ। ଦୀର୍ଘ ୫/୬ ବର୍ଷ ସାହିତ୍ୟଠାରୁ ଦୂରେଇଯାଏ। ସଂସାର ଜଞ୍ଜାଳ ଭିତରେ ବୁଡି କର୍ତ୍ତବ୍ୟକୁ ନିଜର ଧର୍ମ ଭାବିନିଏ। ୨୦୧୭ ମସିହା ସାହିତ୍ୟ ଏକାଡେମୀ ତରଫରୁ ଏକ ସାହିତ୍ୟ ଆସରର ଆୟୋଜନରେ ମୋତେ ଡକାଯାଇଥାଏ। ସେଠାରେ ଯେଉଁ କବିମାନେ କବିତା ପଢୁଥାନ୍ତି ସେମାନଙ୍କୁ ୨ଶହ ଟଙ୍କା ଲେଖାଏ ଦିଆଯାଉଥାଏ। ମୋତେ ବି ମିଳିଲା। ମୋ ପାଖରେ ଜଣେ ବୟସ୍କ ବ୍ୟକ୍ତି (କବି) ବସିଥାନ୍ତି। ମୋର ଖୁସିକୁ ମୁଁ ଚାପି ରଖି ପାରିଲିନାହିଁ, ମୋ ପାଟିରୁ ଆପଣାଛାଏଁ ବାହାରି ଆସିଲା ''ଯାହାହେଉ ଦୀର୍ଘ ବର୍ଷ ସାହିତ୍ୟ ସାଧନାରେ କେବେ ଟଙ୍କାଟିଏ ମିଳିନି ଆଜି ୨ଶହ ଟଙ୍କା ମିଳିଲା। ମୋ ଜଗନ୍ନାଥଙ୍କ ଲାଗି ପଦ୍ମଫୁଲ ନେଇ ମନ୍ଦିରରେ ଦେବି।'' ପାଖରେ ବସିଥିବା କବି ଜଣଙ୍କ କିନ୍ତୁ ଉଚ୍ଚ ସ୍ୱରରେ କହିଲେ, ''ଜଗନ୍ନାଥଙ୍କର ବହୁତ ଟଙ୍କା ଅଛି ମ, ଏଇଟା ଆପଣ ଛୁଆଙ୍କ ପାଇଁ ରଖନ୍ତୁ।'' ତାଙ୍କର ସେ କଥା ମୋର କିନ୍ତୁ ହଜମ ହେଲାନି, ତା'ପରେ ମୁଁ ସଙ୍ଗେ ସଙ୍ଗେ ଆସି ୨ଶହ ଟଙ୍କାର ପଦ୍ମଫୁଲ ନେଇ ମନ୍ଦିରରେ ଦେଲି। ପରେ ହୁଏତ କିଛି ରୋଜଗାର ମୁଁ କରିଛି, ମାତ୍ର ସାହିତ୍ୟ ସାଧନାରୁ ପାଇଥିବା ସ୍ୱଳ୍ପ ରୋଜଗାର ମୋ ପ୍ରଭୁଙ୍କ ସେବାରେ ଲାଗିପାରିଲା ସେଇଟା ମୋ ଭାଗ୍ୟ। ପ୍ରଭୁ ଯାହାକୁ ଯାହା ଦେବାକଥା ଦିଅନ୍ତି, ମାଗିବା କିଛି ଦରକାର ପଡ଼େନାହିଁ।

ସାଥୀ

# ସହଜେ ଛାଡ଼େନା ପ୍ରେମର ରଙ୍ଗ, ବଦଳାଇ ଦିଏ ଜୀବନ ଢଙ୍ଗ



**ପ୍ରଶ୍ନ**–ପ୍ରେମର ସୃଷ୍ଟି ନେଇ ଅନେକ କଥା ଶୁଣିବାକୁ ମିଳିଥାଏ। ତେବେ ଏହାର ପ୍ରକୃତ ସୃଷ୍ଟି କିପରି ହୁଏ କହିବେ କି ସାଥୀ ?

*–ତନ୍ମୟ ମହାକୁଡ, ପୁରୀ*

**ଉତ୍ତର :** ପ୍ରେମର ଆରମ୍ଭ କେମିତି ହୁଏ ତାହା ତର୍ଜମା କଲେ କଥାଟି ବୁଢ଼ିଆଣୀ ସୂତା ପରି ଲମ୍ବି ଚାଲିବ। ପ୍ରେମ କରିବା ପୂର୍ବରୁ ମନ ପ୍ରଥମେ ପରିଷ୍କାର ରଖନ୍ତୁ। ଯାହାକୁ ମନ ତାକୁ ପ୍ରପୋଜ କଲେ ଯେ ଆପଣଙ୍କର ମନସ୍କାମନା ପୂରଣ ହେବ ତାହା ଭାବିବା ଠିକ୍ ନୁହେଁ। ମନ ଯଦି ଥରେ ପ୍ରେମ ନିଶାରେ ପଡିଗଲା, ତେବେ ସବୁ କିଛି ବଦଳି ଯାଇଥାଏ। 'ସହଜେ ଛାଡ଼େନା ପ୍ରେମର ରଙ୍ଗ, ବଦଳାଇ ଦିଏ ଜୀବନ ଢଙ୍ଗ'। ତେଣୁ ଏପରି ମନ ସହ ମନ ଫିଟ୍ କରନ୍ତୁ, ଯେମିତି ତାହା ଲାଇଫ୍ ଲଙ୍ଗ୍ ଯୋଡି ହୋଇ ରହିବ।

**ପ୍ରଶ୍ନ**–ଯାହାକୁ ମନ ପ୍ରାଣ ଦେଇ ଭଲ ପାଉଥିଲି ସେ ମୋତେ ଭୁଲ୍ ବୁଝିଲା। ହେଲେ ତାକୁ ମୁଁ ମନରୁ ପାସୋରି ପାରୁନି। କ'ଣ କରିବି ? *–ରଞ୍ଜିତ କୁମାର, ତାଳଚେର*

**ଉତ୍ତର :** ଯାହା ଉପରେ ଶତ ପ୍ରତିଶତ ଭରସା ରଖି ଆପଣ ପ୍ରେମର ନାଆକୁ ଆଗେଇ ନେଉଥିଲେ ତାହା ଅଧା ବାଟରେ ଦିଗହରା ହୋଇଯାଇଛି। ଏବେ ସେ ପ୍ରେମ ନାହିଁ କି ପ୍ରେମିକା ନାହିଁ। ତେଣୁ ସେପରି ପ୍ରେମର ଦି ଏଣ୍ଡ ହୋଇଯାଇଛି ବୋଲି ଧରିନିଅନ୍ତୁ। ପ୍ରେମରେ ଧୋକା ଖାଇବା ପରେ ସେହି ପ୍ରତାରଣାର ନିଆଁ ମନ ଭିତରେ କୁହୁଳି କୁହୁଳି ଜଳୁଥାଏ, ଆଉ ସେହି ଦହନରେ ସବୁ କିଛି ପିତା ପିତା ଲାଗେ। ଯଦି ପୁଣି ଥରେ କାହାକୁ ମନର ମାନସୀ ଭାବରେ ଚଏସ୍ କରୁଛନ୍ତି ତେବେ ସେହି ସମୟରେ ହାତେ ମାପି ଚାଖଣ୍ଡେ ଚାଲନ୍ତୁ। ଏବେ ନୂଆ ପ୍ରେମକୁ ଆହୁରି ସରସ ସୁନ୍ଦର କରିବା ପାଇଁ ପୁରୁଣା ପ୍ରେମକୁ ସମ୍ପୂର୍ଣ୍ଣ ଭାବରେ ମନରୁ ପୋଛି ଦିଅନ୍ତୁ।

**ପ୍ରଶ୍ନ**– ଜଣେ ଝିଅ ମୋତେ ଲାଜେଇ ଲାଜେଇ ଚାହୁଁଛି। ଯାହା ଅନୁମାନ କରୁଛି ସେ ମୋତେ ପ୍ରେମର ଇସାରା ଦେଉଛି। ହେଲେ ତାକୁ କେମିତି ଆପଣେଇ ନେବି ଜାଣିପାରୁନି। କ'ଣ କରିବି ?

*–ଦିବାକର ସାହୁ, ରାଉରକେଲା*

**ଉତ୍ତର :** ଯଦି ଜାଣୁଛନ୍ତି କଥା ଏତେବାଟ ଆଗେଇ ଗଲାଣି ତେବେ ଡେରି କରୁଛନ୍ତି କିଆଁ ? ପ୍ରେମରେ ସବୁବେଳେ ଶୁଭସ୍ୟ ଶୀଘ୍ରମ୍। ବିଳମ୍ବ କଲେ ହୁଏତ ଚାନ୍ସ ହାତରୁ ଖସି ଯାଇପାରେ। ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। କାରଣ ଅନେକ ସମୟରେ ଇସାରାରୁ ପ୍ରେମର ସୃଷ୍ଟି ହୋଇଥାଏ। ଯଦି ତାହାକୁ ଦେଖି ଜାଣିପାରୁଛନ୍ତି ଯେ ସେପଟୁ ଗ୍ରୀନ୍ ସିଗନାଲ ରହିଛି, ତେବେ ବାସ୍, ସେହି ମନର ମାନସୀକୁ ନିଜ ମନର ସ୍ୱତନ୍ତ୍ର କୋଣରେ ରଖି ଦିଅନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ପ୍ରେମ କରୁଛି, ସେ ମୋତେ ବ୍ଲାକମେଲିଂ କରିବା ଭଳି ଲାଗୁଛି। ଭାବୁଛି ତାକୁ ମନରୁ ଆଉଟ୍ କରିଦେବି। ହେଲେ ସାହସ ହେଉନି। ଏ ନେଇ ମୋତେ କିଛି ଉପାୟ ବତାଇବେ କି ସାଥୀ ? *–ଅମିତାଭ ସାହୁ, କଟକ*

**ଉତ୍ତର :** ଆପଣଙ୍କ ପ୍ରଶ୍ନରୁ ଯାହା ଜଣାପଡୁଛି, ଆପଣ ପ୍ରେମ ଆକାଶରେ ତ୍ରିଶଙ୍କୁ ପରି ଝୁଲି ରହିଛନ୍ତି। ପ୍ରେମରେ ଯେତେବେଳେ ମନରେ ସନ୍ଦେହର ବାଦଲ ଭାସିବୁଲେ ସେତେବେଳେ ପାଣିପାଗ ବିଗିଡିବା ଆରମ୍ଭ କରେ। ଆରମ୍ଭରୁ ମିଠା ଲାଗୁଥିବା ପ୍ରେମର ସ୍ୱାଦ ଚାହୁଁ ଚାହୁଁ ପିତା ଲାଗେ। ପ୍ରେମ ହୋଇଯାଏ ରଙ୍ଗହୀନ, ସ୍ୱାଦହୀନ। ସେପରି ପ୍ରେମକୁ ଭରସା କରି ଆଗେଇଲେ ତାହା ମରୀଚିକା ପଛରେ ଦଉଡିବା ଭଳି ହୋଇଥାଏ। ତେଣୁ ଯଦି ଜାଣୁଛନ୍ତି ଯେ ସେହି ପ୍ରେମିକା ଆପଣଙ୍କୁ ବ୍ଲାକ୍‌ମେଲିଂ କରିବା ଆରମ୍ଭ କଲାଣି ତେବେ ତାହାର ଜଲ୍‌ଦି କିଛି ବ୍ୟବସ୍ଥା କରନ୍ତୁ। ନ ହେଲେ ନେଡି ଗୁଡ କହୁଣୀକୁ ବୋହି ଗଲେ କେବଳ ଅନୁତାପ କରିବା ହିଁ ସାର।



# କାହା ପାଇଁ କେମିତି ସନ୍‌ଗ୍ଲାସ୍



**ଖରାଦିନେ ପ୍ରଖର ସୂର୍ଯ୍ୟକିରଣ ଓ ଧୂଳିଧୂସରରୁ ଆଖିକୁ ସୁରକ୍ଷା ଦେବା ପାଇଁ ସନ୍‌ଗ୍ଲାସ୍‌ର ବ୍ୟବହାର ଜରୁରୀ ହୋଇପଡେ। ଆଉ ଯଦି ଚେହେରା ଅନୁଯାୟୀ ପରଫେକ୍ଟ ସନ୍‌ଗ୍ଲାସ୍‌ର ବ୍ୟବହାର କରାଯାଏ, ତା'ହେଲେ ଆଖିକୁ ସୁରକ୍ଷା ସହିତ ଷ୍ଟାଇଲିଶ୍ ଲୁକ୍ ବି ମିଳେ...**

ଖରାଦିନେ ସନ୍‌ଗ୍ଲାସ୍‌ର ଚାହିଦା ଖୁବ୍ ବଢିଯାଏ। ଏହା କେବଳ ଲୁକ୍‌କୁ ଏନ୍‌ହାନ୍ସ କରେନି, ସୂର୍ଯ୍ୟକିରଣ ଓ ଧୂଳିର ଖରାପ ପ୍ରଭାବରୁ ଆଖି ଓ ତା'ପାଖାପାଖି ସଫ୍ଟ ସ୍କିନ୍‌କୁ ମଧ୍ୟ ସୁରକ୍ଷା ଦେଇଥାଏ। ତେବେ ସନ୍‌ଗ୍ଲାସ୍ ବିଭିନ୍ନ ଭେରାଇଟି ଓ ବିଭିନ୍ନ ରଙ୍ଗରେ ଉପଲବ୍ଧ ହେଉଥିଲେ ବି କେଉଁ ଟାଇପ୍‌ର ସନ୍‌ଗ୍ଲାସ୍ କେଉଁ ଚେହେରାକୁ ଭଲ ମାନିଥାଏ ତାହାକୁ ନେଇ ଅନେକେ ଦ୍ୱନ୍ଦ୍ୱରେ ରହିଥାନ୍ତି। ତା'ହେଲେ ଆସନ୍ତୁ ଜାଣିବା କେଉଁ ଚେହେରାକୁ କେଉଁ ସନ୍‌ଗ୍ଲାସ୍ ଖୁବ୍ ଭଲ ମାନିଥାଏ...

✲ **ଓଭାଲ୍ ଶେପ୍ ଫେସ୍:** ଯେଉଁ ଝିଅମାନଙ୍କ ମୁହଁ ଓଭାଲ୍ ଶେପ୍‌ର ବା ଅଣ୍ଡାକୃତି ଭଳି ଦେଖାଯାଇଥାଏ ; ସେମାନଙ୍କୁ ସ୍କୋୟାର୍, ରେକ୍ଟାଙ୍ଗୁଲାର୍, ଜ୍ୟାମେଟ୍ରିକାଲ୍, କ୍ୟାଟ୍ ଆଇ ତଥା ଏଭିଏଟର୍ ଶେପ୍‌ର ଫ୍ରେମ୍ ଥିବା ସନ୍‌ଗ୍ଲାସ୍ ଖୁବ୍ ଭଲ ମାନିଥାଏ।

✲ **ସ୍କୋୟାର୍ ଶେପ୍ ଫେସ୍:** ଯେଉଁ ଝିଅମାନଙ୍କ ଚେହେରାର ଆକାର ସ୍କୋୟାର୍ ଅଥବା ରେକ୍ଟାଙ୍ଗୁଲାର୍ ଶେପ୍‌ର ହୋଇଥାଏ ; ସେମାନେ ରାଉଣ୍ଡ, ଏଭିଏଟର୍, ଜ୍ୟାମେଟ୍ରିକାଲ୍ ଫ୍ରେମ୍ ବାଲା ସନ୍‌ଗ୍ଲାସ୍ ପିନ୍ଧି ଆଖିକୁ ସୁରକ୍ଷା ଦେବା ସହ ଆଟ୍ରାକ୍ଟିଭ୍ ସମର୍ ଲୁକ୍ ପାଇପାରିବେ।

✲ **ରାଉଣ୍ଡ ଶେପ୍ ଫେସ୍:** ଯେଉଁମାନଙ୍କର ରାଉଣ୍ଡ ବା ଗୋଲାକାର ମୁହଁ, ସେମାନେ ଭୁଲ୍‌ରେ ବି ରାଉଣ୍ଡ ଶେପ୍‌ବାଲା ସନ୍‌ଗ୍ଲାସ୍ ପିନ୍ଧିବା ଠିକ୍ ନୁହେଁ। ଏହି ଟାଇପ୍‌ର ସନ୍‌ଗ୍ଲାସ୍ ସେମାନଙ୍କୁ ଆଦୌ ମାନେନି। ବରଂ ସେମାନେ ସ୍କୋୟାର୍ ଆଙ୍ଗେଲ୍ ବାଲା ଫ୍ରେମ୍ ହେଉ କି ଜ୍ୟାମେଟ୍ରିକାଲ୍ ଶେପ୍‌ର ଫ୍ରେମ୍ ଥିବା ସନ୍‌ଗ୍ଲାସ୍ ପିନ୍ଧିଲେ ଭଲ ଲାଗିବ।

✲ **ହାର୍ଟ ଶେପ୍ ଫେସ୍:** .ଏହି ଶେପ୍‌ର ଫେସ୍ ଥିବା ମହିଳାମାନଙ୍କର ଚିନ୍ ଟିକେ ପତଳା ଆଉ ଫୋର୍‌ହେଡ୍ ଟିକେ ଚଉଡ଼ା ଦେଖାଯାଇଥାଏ। ସେଥିପାଇଁ ଏମାନଙ୍କୁ ସ୍କୋୟାର୍ ଶେପ୍ ବାଲା ସନ୍‌ଗ୍ଲାସ୍ ଖୁବ୍ ମାନିଥାଏ।

✲ **ଡାଇମଣ୍ଡ ଶେପ୍ ଫେସ୍:** ଯେଉଁ ଝିଅମାନଙ୍କ ଫେସ୍‌ର ଶେପ୍ ଡାଇମଣ୍ଡ କଟିଙ୍ଗ୍‌ର ହୋଇଥାଏ ; ସେମାନଙ୍କୁ ସବୁ ଫ୍ରେମ୍‌ର ସନ୍‌ଗ୍ଲାସ୍ ଖୁବ୍ ଭଲ ମାନିଥାଏ। ତେବେ ସନ୍‌ଗ୍ଲାସ୍ ଚୟନ କଲାବେଳେ ଏମାନେ ଗୋଟେ କଥା ମନେ ରଖିବେ, ଯେମିତି ସନ୍‌ଗ୍ଲାସ୍‌ର ଫ୍ରେମ୍ ବେଶୀ ବଡ଼ ହୋଇ ନଥିବ। ନଚେତ୍ ସେମାନଙ୍କ ଫୋର୍‌ହେଡ୍ ଓ ଚିନ୍ ପତଳା ଲାଗିବା ସହ ଲୁକ୍ ସେତେଟା ଆଟ୍ରାକ୍ଟିଭ୍ ଲାଗେନା।

✲ **ଟ୍ରାଙ୍ଗେଲ ଶେପ୍ ଫେସ୍:** ଏହି ଟାଇପ୍‌ର ଚେହେରା ଥିବା ମହିଳାମାନଙ୍କୁ ସ୍କୋୟାର୍, ରାଉଣ୍ଡ ଅଥବା କ୍ୟାଟ୍ ଆଇ ଶେପ୍‌ର ଫ୍ରେମ୍ ଥିବା ସନ୍‌ଗ୍ଲାସ୍ ପରଫେକ୍ଟ ଲୁକ୍ ଦେଇଥାଏ।

**କିଛି ଟିପ୍ସ**

– ଯେଉଁମାନଙ୍କର ମୁହଁ ଛୋଟ, ସେମାନେ ବେଶୀ ବଡ଼ ଫ୍ରେମ୍ ଥିବା ସନ୍‌ଗ୍ଲାସ୍ ଚୟନ କରିବା ଠିକ୍ ନୁହେଁ।

– ଚେହେରା ପତଳା ଲାଗୁଥିଲେ, ବେଶୀ ୱାଇଡ୍ ଫ୍ରେମ୍ ଥିବା ସନ୍‌ଗ୍ଲାସ୍ ପିନ୍ଧିବା ଠିକ୍ ହୋଇ ନଥାଏ।

– ଯେଉଁମାନଙ୍କର ମୁହଁ ଚଉଡ଼ା ଆକୃତିର, ସେମାନେ ଚାହିଁଲେ ବଡ଼ କ୍ୟାଲିବର୍ ବାଲା ସନ୍‌ଗ୍ଲାସ୍ ଟ୍ରାଏ କରି ଆଉଟ୍‌ଷ୍ଟାଣ୍ଡିଂ ସମର୍ ଲୁକ୍ ପାଇପାରିବେ।





## ହାଃ ହାଃ

### ଶୂନ

ସାର୍‌ଙ୍କୁ ଗୋପୀ: ସାର୍,
ଆର୍ଯ୍ୟଭଟ କଳିଯୁଗରେ ଜନ୍ମ ହେଇଥିଲେ ?
ସାର୍: ହଁ।
ଗୋପୀ: ଆଉ ସେ ଶୂନର ଉଦ୍ଭାବନ କରିଥିଲେ ?
ସାର୍: ହଁ
ଗୋପୀ: ଯଦି ସେ ଶୂନକୁ ଉଦ୍ଭାବନ କରିଥିଲେ, ତେବେ ତାଙ୍କ ଜନ୍ମ ପୂର୍ବରୁ କୌରବ ୧୦୦ ଭାଇ ଓ ରାବଣଙ୍କର ଦଶଟା ମୁଣ୍ଡ ଥିଲା ବୋଲି କେମିତି ଗଣାଯାଇଥିଲା ?

### ସିଟ୍

ପପୁ ମଣ୍ଟୁଙ୍କୁ: ରାତିସାରା ଟ୍ରେନ୍‌ରେ ନିଦ ହେଲାନି। ଏକ ତ ଉପର ବର୍ଥ ମିଳିଥିଲା। ଦ୍ୱିତୀୟରେ ପ୍ରବଳ ଗରମ।
ମଣ୍ଟୁ: ତଳ ବର୍ଥର କାହାକୁ କହି ସିଟ୍ ବଦଳେଇ ଦେଲୁନି।
ପପୁ: କେମିତି ବଦଳି ଥାଆନ୍ତି ? ତଳ ବର୍ଥରେ କେହି ଆସି ନ ଥିଲେ ପରା।

### ବାପଘର

ସ୍ତ୍ରୀ ସ୍ୱାମୀଙ୍କୁ: ପ୍ରତି କଥାରେ ତମେ ମୋ ବାପଘରକୁ ମଝିରେ କାହିଁକି ଆଣୁଛ ?
ସ୍ୱାମୀ:ଦେଖ, ମନେକର ଟିଭିରେ କିଛି ସମସ୍ୟା ଆସେ ତେବେ କେହି କ'ଣ ଟିଭିକୁ କିଛି କହନ୍ତି ? ଗାଳି କମ୍ପାନୀ ବାଲାଙ୍କୁ ଦିଆଯାଏ।

### ରୋଡ୍

ଯୁବକ ଜଣେ ସୁନ୍ଦରୀ ଯୁବତୀଙ୍କୁ: ଆପଣ କେଉଁଠି ରୁହନ୍ତି ?
ଯୁବତୀ: ଏମ୍ ଜି ରୋଡ୍‌ରେ।
ଯୁବକ: ଏତେ ସୁନ୍ଦରୀ ହୋଇ ରୋଡ୍‌ରେ ରହୁଛନ୍ତି ? ଚାଲ ମୋ ସହ ମୋ ଘରକୁ।

### ଦୁନିଆ

ପାର୍କରେ ବସିଥିବା ଯୁବକ ନିଜ ଗର୍ଲଫ୍ରେଣ୍ଡକୁ: ତୁମର ସୁନ୍ଦର ଦୁଇ ଆଖିରେ ମତେ ସାରା ଦୁନିଆ ଦେଖାଯାଏ।
ପାଖରେ ବସିଥିବା ଜଣେ ବୃଦ୍ଧା: ଆରେ ପୁଅ ମୋ କୁକୁର ଦୁଇଦିନ ହେବ ହଜି ଯାଇଛି। ଏ ଝିଅ ଆଖିରେ ଦେଖି କହିଲୁ ମୋ କୁକୁର କୋଉଠି ଅଛି ?

# ଗଡ଼ବାଣୀକିଲୋ








ଓଡ଼ିଶାର ପ୍ରାଚୀନତମ ଗଡ଼ଜାତ ରାଜ୍ୟ ରଣପୁର ମଧ୍ୟରେ ଯେଉଁ କେତୋଟି ଗଡ଼ ଥିଲା ତା' ମଧ୍ୟରେ ଗଡ଼ବାଣୀକିଲୋ ଗୋଟିଏ। ଏହା ରଣପୁରର ପୂର୍ବ ସୀମାନ୍ତରେ ଅବସ୍ଥିତ। ରଣପୁର ରାଜ୍ୟକୁ ସୁରକ୍ଷା ଦେବା ପାଇଁ ଉତ୍ତର ଦିଗରେ କୋଟ-କାସନ୍ଦା, ପଶ୍ଚିମରେ ବାଉଁଶଗଡ଼, ଦକ୍ଷିଣରେ ଚମ୍ପାଗଡ଼ ଓ କନ୍ଧନୟାଗଡ଼, ପୂର୍ବରେ ଗଡ଼ ବାଣୀକିଲୋ। ରଣପୁର ରାଜା ରାମଚନ୍ଦ୍ର ନରେନ୍ଦ୍ର ମହାପାତ୍ର (ଖ୍ରୀ ୧୬୯୨-୧୭୨୭)ଙ୍କ ସମୟରେ ଗଡ଼ବାଣୀକିଲୋ ଏକ ଗଡ଼ରୂପେ ସ୍ଥାପିତ ହୋଇଥିଲା। ସେତେବେଳେ ରଣପୁର ଗଡ଼ଜାତ ଶାସନରେ ଗଡ଼ବାଣୀକିଲୋ ଗୋଟିଏ ପ୍ରଗଣା ଥିଲା। ଏହି ପ୍ରଗଣା ଅଧୀନରେ ୨୨ଟି ରାଜସ୍ୱ ଗ୍ରାମ ରହିଥିଲା। ଗଡ଼ବାଣୀକିଲୋ, ସାନକିଲୋ, ଆମ୍ବଝର, ବାଦଭୂଇଁ ତାରିଆ, ବେଲଗାଁ, ସାନପଥୁରିଆ, ଗୁଣ୍ଡୁରିଆ, ବଡ଼ପଥୁରିଆ, ଗିରିଧରପୁର, ଖଇରପଲୀ, ନଛିପୁର, ତାଳବଣୀ, ଗୋବର୍ଦ୍ଧନପୁର, ବେଣୁଧରପୁର, ପାଟପୁର, ନୀଳପଲୀ, କୁଳାସର, କେସିଆପଲୀ, ଅରଖପଲୀ, କୋଟପୋଖରୀ ଓ ନିରାକାରପୁର । ଗଡ଼ ବାଣୀକିଲୋରେ ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ବାସ କରୁଥିଲେ। ଗଡ଼ବାଣୀକିଲୋ ଦଳବେହେରାଙ୍କ ପୂର୍ବପୁରୁଷ ଗୋଲକୁଣ୍ଡା ସୁଲତାନଙ୍କ ଅଶ୍ୱବାହିନୀରେ ଥିଲେ। ସେମାନଙ୍କ ମଧ୍ୟରୁ ୭ଜଣ ଅଶ୍ୱପୃଷ୍ଠରେ ରଣପୁର ଆସିଥିଲେ। ରଣପୁର ରାଜାଙ୍କ ନିର୍ଦ୍ଦେଶରେ ଶେରଖାଁ ଗଡ଼ ବାଣୀକିଲୋରେ ଦଳବେହେରା ହେଲେ। ଗଡ଼ବାଣୀକିଲୋ ଦଳବେହେରା ମୁସଲମାନ ସମ୍ପ୍ରଦାୟର। ଦଳବେହେରାଙ୍କ ପରେ ଏଠାରେ ୨ଜଣ ଖଣ୍ଡାୟତ ଦଳାଇ, ଜଣେ ଖଣ୍ଡାୟତ ବିଶୋଇ, ଜଣେ ଖଣ୍ଡାୟତ ଗଡ଼ନାୟକ ଥିଲେ। ଷୋଳଘର ପାଇକ ଓ ୫ଘର ସରବରାକାର ପଦରେ ରାଜସ୍ୱ ଆଦାୟ କରୁଥିଲେ। ଗଡ଼ ବାଣୀକିଲୋର ତିନି ପାଖରେ ଘଞ୍ଚ ଜଙ୍ଗଲ ପାହାଡ଼ ଘେରିଥିଲା। ତାହା ଏବେ ଗଡ଼ବାଣୀକିଲେ ସଂରକ୍ଷିତ ଜଙ୍ଗଲ ରୂପେ ପରିଚିତ। ଗଡ଼ର ପଶ୍ଚିମ ଦିଗରେ ଚାଷଜମି ରହିଛି। ଗାଁମୁଣ୍ଡରେ କାଠର ଦ୍ୱାର ଓ ବାଉଁଶ ଅଙ୍କି ଥିଲା। ଏହାକୁ ସେତେବେଳେ ଗଡ଼ନାୟକ ଜଗୁଥିଲେ। ଏହି ଦ୍ୱାର ଦେଇ ଲୋକମାନେ ଯାତାୟାତ କରୁଥିଲେ। ଗଡ଼ବାଣୀକିଲୋ ଗ୍ରାମର ଦକ୍ଷିଣ ଦିଗରେ ଅଛି ଉଆସ ଟାଙ୍ଗିପଦା। ଅତୀତରେ ଏଠାକୁ ରଣପୁରରୁ ରାଜାମାନେ ଆସି ଶିବିର ପକାଇ ଜଙ୍ଗଲରୁ ବନ୍ୟଜନ୍ତୁ ଶିକାର କରୁଥିଲେ। ବର୍ତ୍ତମାନ ଏହି ଉଆସ ପଦାରେ ଗଡ଼ବାଣୀକିଲୋ ଯୁକ୍ତ୨ ମହାବିଦ୍ୟାଳୟ ୧୯୯୦ରୁ ସ୍ଥାପିତ ହୋଇଛି। ଅନ୍ୟପକ୍ଷେ ରଣପୁର ପ୍ରଜା ଆନ୍ଦୋଳନର ଅନ୍ୟତମ କର୍ଣ୍ଣଧାର ଦିବାକର ପରିଡ଼ା ୧୯୧୧ମସିହା ନଭେମ୍ବର ୩୦ ତାରିଖରେ ଗଡ଼ବାଣୀକିଲୋରେ ଜନ୍ମଲାଭ କରିଥିଲେ। ତେବେ ଶହୀଦ ରଘୁନାଥ ମହାନ୍ତି ଓ ଶହୀଦ ଦିବାକର ପରିଡ଼ା ଗଡ଼ବାଣୀକିଲୋରେ ୧୮୮୧ ମସିହାରେ ସ୍ଥାପିତ ପ୍ରାଥମିକ ବିଦ୍ୟାଳୟର ଛାତ୍ରଥିଲେ। ଗଡ଼ବାଣୀକିଲୋ ନୋଡାଲ ହାଇସ୍କୁଲକୁ ଲାଗି ଶହୀଦ ରଘୁଦିବାକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଛି। ଗଡ଼ବାଣୀକିଲୋରେ ୧୯୪୪ ମସିହାରେ ରଣପୁର ରାଜାଙ୍କ ଦ୍ୱାରା ମାଇନର ସ୍କୁଲ ସ୍ଥାପିତ ହୋଇଥିବା ବେଳେ ୧୯୬୨ରେ ସମାଜସେବୀ ମୌଲବୀ ଇବ୍ରାହିମ ଖାଁଙ୍କ ଉଦ୍ୟମକ୍ରମେ ତତ୍କାଳୀନ ଶିକ୍ଷାମନ୍ତ୍ରୀଙ୍କ ଦ୍ୱାରା ହାଇସ୍କୁଲ ପ୍ରତିଷ୍ଠା ହୋଇଥିଲା। ଏହି ହାଇସ୍କୁଲରୁ ଅନେକ ପ୍ରତିଭାବାନ୍ ଛାତ୍ରୀଛାତ୍ର ଦେଶବିଦେଶରେ ସୁନାମ ଅର୍ଜନ କରିଛନ୍ତି। ଅନ୍ୟପକ୍ଷେ ରଣପୁର ରାଜା ରାମଚନ୍ଦ୍ର ନରେନ୍ଦ୍ରଙ୍କ ପରେ ତାଙ୍କ ପୁତ୍ର ସାରଙ୍ଗଧର ବଜ୍ରଧର ନରେନ୍ଦ୍ର ମହାପାତ୍ର (ଖ୍ରୀ.୧୭୨୭-୧୭୫୪) ଗଡ଼ବାଣୀକିଲୋ ଗ୍ରାମର ପଶ୍ଚିମ ଦିଗରେ ଶ୍ରୀପତିତପାବନ ଦେବଙ୍କ ମନ୍ଦିର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ଗିରିଧରପୁର ଗ୍ରାମର କେଶବ ରଣସିଂହ ଶ୍ରୀଆର୍ତ୍ତେଶ୍ୱର ଦେବଙ୍କ ମନ୍ଦିର (ଖ୍ରୀ.୧୮୪୦) ଏବଂ ଦୁର୍ଗାଚରଣ ପରିଡ଼ାଙ୍କ ଉଦ୍ୟମରେ ମହାବୀର ମନ୍ଦିର ସ୍ଥାପନ ହୋଇଛି। ଏହାର ଅନତି ଦୂରରେ ରହିଛି ଗଡ଼ର ଇଷ୍ଟ ଦେବୀ ରାମଚଣ୍ଡୀଙ୍କ ମନ୍ଦିର। ଗଡ଼ବାଣୀକିଲୋରେ ଦଶହରା, ଦୋଳ, ରଜ ଯାତ୍ରା ବିଭିନ୍ନ ସମ୍ପ୍ରଦାୟର ଲୋକମାନେ ମିଳିମିଶି ଉତ୍ସବ ପାଳନ କରିଥାନ୍ତି। ଦଶହରା ୭ମୀ ତିଥିରେ ଗାଁ ମୁଣ୍ଡରେ ଥିବା ରାମଚଣ୍ଡୀ ଠାକୁରାଣୀଙ୍କ ପୀଠରେ ମୁସଲମାନ ଦଳବେହେରା ହାତରେ କୁଶବଟୁପିନ୍ଧି ପୂଜାରେ ବସିଲାବେଳେ ବ୍ରାହ୍ମଣ ମନ୍ତ୍ରପାଠ କରିଥାନ୍ତି। ଦଶହରା ଦିନ ମୁସଲମାନ ଦଳବେହେରା ଅସ୍ତ୍ର ଅନୁକୂଳ ତଥା ବନ୍ଧୁକ ଚାଳନା କରିବାକୁ ଯିବାବେଳେ ସାଥିରେ ପାଇକମାନେ ଯାଇଥାନ୍ତି। ଏଭଳି ପରମ୍ପରା ଓଡ଼ିଶାର ଗଡ଼ବାଣୀକିଲୋ ଏବଂ ମାଣିକଗୋଡ଼ାରେ ଦେଖାଯାଏ। ଦୋଳପର୍ବର ପୂର୍ବଦିନ ଶ୍ରୀଆର୍ତ୍ତେଶ୍ୱର ଦେବ ଓ ପତିତପାବନ ଦେବ ଉଭୟ ଠାକୁରଙ୍କ ବିଜେ ପ୍ରତିମା ଦୁଇଟି ବିମାନରେ ଚାଚେରୀ ଭୋଗ ଖାଇବା ଲାଗି ଗ୍ରାମ ପରିକ୍ରମା କରନ୍ତି। ମାତ୍ର ଦୁଇ ଠାକୁର ପ୍ରଥମେ ମୁସଲମାନ ଦଳବେହେରାଙ୍କ ଦ୍ୱାର ଆଗରେ ଥିବା ପଥର ଚାଞ୍ଚଡ଼ା ଉପରେ ଦଳବେହେରାଙ୍କ ପକ୍ଷରୁ ଗୁଡ଼ିଆ ଭୋଗ ପ୍ରସ୍ତୁତ କରି ଅର୍ପଣ କରାଯାଇଥାଏ। ଏହି ଐତିହାସିକ ଗଡ଼ବାଣୀକିଲୋ ଇତିହାସ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

**-ଉପସ୍ଥାପନା: ଗବେଷକ ସତ୍ୟବାଦୀ ବଳିୟାରସିଂହ**









**ପଶ୍ଚିମବଙ୍ଗର ଦାର୍ଜିଲିଂ ଜିଲ୍ଲା ଅନ୍ତର୍ଗତ ଏକ ଶାନ୍ତ ମନୋରମ ସ୍ଥାନ ହେଉଛି କୁର୍ସିୟାଙ୍ଗ। ପର୍ଯ୍ୟଟକ ଏଠାରେ ବହୁ ଆଧ୍ୟାତ୍ମିକ ସ୍ଥଳ ବୁଲି ଦେଖିବା ସହ ରକ୍ ଗାର୍ଡେନ୍, ପାର୍କ ଆଦି ମଧ ଦେଖିପାରିବେ..**

## ଶାନ୍ତ, ମନୋରମ ସ୍ଥାନ

# କୁର୍ସିୟାଙ୍ଗ

କୁର୍ସିୟାଙ୍ଗ ହେଉଛି ପଶ୍ଚିମବଙ୍ଗସ୍ଥିତ ଏକ ପାହାଡ଼ି ସହର ; ଯାହାର ମନୋରମ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ଆଗନ୍ତୁକ ଏଠାରେ ବହୁ ଉଚ୍ଚ ଉଚ୍ଚ ପାହାଡ଼ ଦେଖିବା ସହ ଏଠାରେ ଥିବା ଆଧ୍ୟାତ୍ମିକସ୍ଥଳ, ପାର୍କ ତଥା ଚା' ବଗିଚା ଆଦି ବି ବୁଲି ଦେଖିପାରିବେ। କେବଳ ସେତିକି ନୁହେଁ, ଏଠାରେ କୁଆଡ଼େ ଧଳା ଅର୍କିଡ୍ ଚାଷ ଭଲ ହୋଇଥାଏ ବୋଲି ସୂଚନା ରହିଛି। ସେଥିପାଇଁ ଅନେକେ ଏହି ସହରକୁ ଧଳା ଅର୍କିଡ୍‌ର ଭୂମି ବୋଲି ବି କହିଥାନ୍ତି।

### ମୁଖ୍ୟ ଆକର୍ଷଣ

* **ଇଗଲ୍ସ କ୍ରେଜ୍:** ଏହା ହେଉଛି କୁର୍ସିୟାଙ୍ଗସ୍ଥିତ ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟକ ଏଠାକୁ ଗଲେ ପାହାଡ଼ର ଅପୂର୍ବ ଦୃଶ୍ୟ ସାଙ୍ଗକୁ ଛୋଟ ଏକ ଫୁଲବଗିଚା, ୱାଚ୍ ଟାୱାର୍ ତଥା ନିକଟରେ ଥିବା ଏକ ବସ୍ତି ଅଞ୍ଚଳ ବୁଲି ଦେଖିବାର ସୁଯୋଗ ପାଇପାରିବେ।
* **ଡାଓ ହିଲ୍:** ଏହା ସ୍ଥାନୀୟ ଅଞ୍ଚଳର ଏକ ରୋମାଞ୍ଚକର ସ୍ଥାନ। ଏହି ସ୍ଥାନ ନିକଟରେ ଏକ ଡିୟର୍ ପାର୍କ ରହିଛି ; ଯାହା ଡାଓ ହିଲ୍ ପାର୍କ ନାମରେ ବି ପରିଚିତ।
* **ଦି କେଟଲେ ଉପତ୍ୟକା:** ଏହା ବି କୁର୍ସିୟାଙ୍ଗସ୍ଥିତ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳ। ପର୍ଯ୍ୟଟକ ଏଠାକୁ ଯାଇ କିଛିଟା ନିଆରା ଅନୁଭୂତି ସାଉଁଟିପାରିବେ।
* **ଆଧ୍ୟାତ୍ମିକ ପୀଠ:** କୁର୍ସିୟାଙ୍ଗ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଆଧ୍ୟାତ୍ମିକ ପୀଠ ରହିଛି ; ଯାହା ପର୍ଯ୍ୟଟକ ବୁଲି ଦେଖିପାରିବେ। ଯେମିତିକି: ଅୟୋତିଆ ଶିବମନ୍ଦିର, ଗିଦ୍ଧ ପହାର୍ ସୀତା ରାମ ମନ୍ଦିର, ଗିଦ୍ଧ ପହାର୍ ଦୁର୍ଗା ମାତା ମନ୍ଦିର, ଜଗଦୀଶ୍ ମନ୍ଦିର, ଶ୍ରୀ ଶ୍ୟାମ ମନ୍ଦିର, ସାତ୍ କନ୍ୟା ଦେବୀ ମନ୍ଦିର, ବୁଦ୍ଧିଷ୍ଟ ଗୋମ୍ପା ଆଦି ଅନ୍ୟତମ।
* ନୟା ବୁଷ୍ଟି ପାର୍କ ତଥା କୁର୍ସିୟାଙ୍ଗସ୍ଥିତ ଅଲ୍ ଇଣ୍ଡିଆ ରେଡିଓ ଷ୍ଟେଶନ ଆଡ଼େ ବି ପର୍ଯ୍ୟଟକ ଚାହିଁଲେ ବୁଲି ଯାଇ କିଛିଟା ଭିନ୍ନ ଅନୁଭୂତି ସାଉଁଟିପାରିବେ।
* **ଅର୍କିଡ଼ ବଗିଚା:** ଏଠାରେ ଧଳା ଅର୍କିଡ୍ ଭଲ ଚାଷ ହୋଇଥାଏ ବୋଲି ସୂଚନା ରହିଛି।  ପର୍ଯ୍ୟଟକ ଚାହିଁଲେ ଏହି ଅର୍କିଡ୍ ବଗିଚା ଆଡ଼େ ବି ବୁଲିଯାଇ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିପାରିବେ।
* **ଚା' ବଗିଚା:** ଚା' ଚାଷ ବି ଏଠି ଖୁବ୍ ଭଲ ହୋଇଥାଏ। ଏଠାକାର ଚା' ବଗିଚା ବୁଲିବା ସହ ପର୍ଯ୍ୟଟକ ଏଠାରୁ ସୁଲଭ ଦରରେ ଭଲ ଚା' ବି କିଣି ଆଣିପାରିବେ।

### ଟୟ ଟ୍ରେନ୍‌ରେ ବୁଲିବାର ମଜା ନିଆରା

ଦାର୍ଜିଲିଂ ହିମାଳୟାନ ରେଲୱେ ; ଯାହାକୁ ଟୟ ଟ୍ରେନ୍ ବୋଲି ବି କୁହାଯାଇଥାଏ। ଏହି ଟ୍ରେନ୍‌ଗୁଡ଼ିକ ନ୍ୟୁ ଜଲପାଇଗୁଡ଼ି ଓ ଦାର୍ଜିଲିଂ ମଧ୍ୟରେ ଯା'ଆସ କରିଥାଏ। ପର୍ଯ୍ୟଟକ ଏହି ଟ୍ରେନ୍‌ରେ ବସି ଉଚ୍ଚ ନିଚ୍ଚା ପାହାଡ଼, ଚା' ବଗିଚା ତଥା ଅନ୍ୟାନ୍ୟ ଆକର୍ଷଣୀୟ ଦୃଶ୍ୟମାନ ଦେଖିବା ସହ ବହୁ ରୋମାଞ୍ଚକର ଅନୁଭୂତି ମଧ୍ୟ ସାଉଁଟି ପାରିବେ। ନ୍ୟୁ ଜଲପାଇଗୁଡ଼ି ଓ ଦାର୍ଜିଲିଂ ମଧ୍ୟ ଦେଇ ଟ୍ରେନ୍‌ଟି ଯିବା ବାଟରେ ହିଁ କୁର୍ସିୟାଙ୍ଗ୍ ପଡିଥାଏ। ଯେଉଁମାନେ ଆଡଭାନ୍ସରେ ଟିକେଟ୍ ବୁକିଂ କରିଥାନ୍ତି, ସେମାନେ ଏହି ଟୟ ଟ୍ରେନ୍‌ରେ ବସି ବୁଲିବାର ମଜା ଉଠାଇଥାନ୍ତି।

### କେବେ ଓ କେମିତି ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲି ଯିବାର ସୁବିଧା ଥିଲେ ବି ବର୍ଷାଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ କୁର୍ସିୟାଙ୍ଗ ଗଲେ ବୁଲିବାର ମଜା ଦ୍ୱିଗୁଣିତ ଲାଗିଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ବି ଭଲ ବ୍ୟବସ୍ଥା ରହିଛି। ସମୁଦ୍ର ପତ୍ତନରୁ ପ୍ରାୟ ୧୪୮୨ ମିଟର ଉଚ୍ଚତାରେ ଥିବା କୁର୍ସିୟାଙ୍ଗ ସହରଟି ଦାର୍ଜିଲିଂଠାରୁ ପ୍ରାୟ ୩୨ କି.ମି, ସିଲିଗୁଡ଼ିଠାରୁ ପ୍ରାୟ ୩୪ କି.ମି. ଏବଂ ନ୍ୟୁ ଜଲପାଇଗୁଡ଼ିଠାରୁ ପ୍ରାୟ ୪୫ କି.ମି ଦୂରରେ ଅବସ୍ଥିତ। ବାଗ୍‌ଡୋଗ୍ରା ଏୟାର୍‌ପୋର୍ଟ ଏଠାକାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ନ୍ୟୁ ଜଲପାଇଗୁଡ଼ି ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଏଠାକାର ନିକଟତମ ତଥା ପ୍ରମୁଖ ରେଲଷ୍ଟେଶନ।



# ଚଢ଼େଇ କରନ୍ତି କି ପରିସ୍ରା !



ପ୍ରାଣୀଜଗତରେ ଭରି ରହିଛି ଅନେକ ଆଶ୍ଚର୍ଯ୍ୟକର କଥା । ସେଥିମଧ୍ୟରୁ ଗୋଟିଏ ହେଉଛି ଚଢ଼େଇମାନେ ମଣିଷ କିମ୍ବା ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀଙ୍କ ଭଳି ଅଲଗା ଭାବରେ ପରିସ୍ରା କରନ୍ତି ନାହିଁ। ତେବେ ସେମାନେ ପିଉଥିବା ପାଣି ଯାଏ କୁଆଡ଼େ? ଏହି ପ୍ରଶ୍ନଟି ଶୁଣିବାକୁ ଯେତିକି ଚକିତ କରେ, ଏହାପଛର ବିଜ୍ଞାନ ତା'ଠୁ ଅଧିକ ରୋଚକ। ଜାଣନ୍ତୁ ସେ ସମ୍ପର୍କରେ...

ସ୍ତନ୍ୟପାୟୀ ପ୍ରାଣୀଙ୍କ ପରି ପକ୍ଷୀମାନଙ୍କ ଶରୀରରେ ମଧ୍ୟ କିଡନୀ ବା ବୃକକ ଥାଏ, ଯାହା ରକ୍ତକୁ ଫିଲ୍ଟର୍ କରିବା ସହିତ ଶରୀରରେ ଜଳ ଓ ଲବଣର ସନ୍ତୁଳନ ରକ୍ଷା କରେ ଏବଂ ବର୍ଜ୍ୟବସ୍ତୁକୁ ନିଷ୍କାସନ ପାଇଁ ପଠାଇଥାଏ । ମଣିଷଙ୍କ କ୍ଷେତ୍ରରେ ପ୍ରୋଟିନ୍ ମେଟାବୋଲିଜମ୍‌ରୁ ବାହାରୁଥିବା ନାଇଟ୍ରୋଜେନଯୁକ୍ତ ବର୍ଜ୍ୟବସ୍ତୁ 'ୟୁରିଆ'ରେ ପରିଣତ ହୋଇଥାଏ, ଯାହାକୁ ବୃକକ ସଂଗ୍ରହ କରି ଜଳୀୟ ପରିସ୍ରା ଆକାରରେ ନିଷ୍କାସିତ କରେ । ପକ୍ଷୀମାନଙ୍କ କ୍ଷେତ୍ରରେ କିନ୍ତୁ ଏହି ନାଇଟ୍ରୋଜେନଯୁକ୍ତ ବର୍ଜ୍ୟବସ୍ତୁ ୟୁରିଆ ବଦଳରେ ୟୁରିକ ଏସିଡରେ ପରିଣତ ହୁଏ । ୟୁରିକ ଏସିଡ ଥିବା ପରିସ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜଳ ସଂରକ୍ଷଣ । ପକ୍ଷୀମାନେ ପ୍ରାୟତଃ ଏପରି ପରିବେଶରେ ରହନ୍ତି ଯାହା ଶରୀରକୁ ଶୁଷ୍କ କରିଦିଏ । ୟୁରିକ ଏସିଡ ପାଣିରେ ସହଜରେ ଦ୍ରବୀଭୂତ ହୁଏ ନାହିଁ, ତେଣୁ ୟୁରିଆ ତୁଳନାରେ ଏହା ଖୁବ କମ ପାଣିରେ ଶରୀରରୁ ବାହାରିଯାଏ । ଏହିପରି ଭାବରେ ପକ୍ଷୀମାନେ ଶରୀରର ବର୍ଜ୍ୟବସ୍ତୁ ବାହାର କରିବା ସହିତ ଜଳ ଅପଚୟକୁ ମଧ୍ୟ ରୋକିଥାନ୍ତି ।


**ବ୍ଲାଡର୍ ବା ମୂତ୍ରାଶୟ ନ ଥାଏ:** ସବୁଠାରୁ ବଡ଼ କଥା ହେଉଛି, ପକ୍ଷୀମାନଙ୍କର ମୂତ୍ରାଶୟ ବା ବ୍ଲାଡର ନ ଥାଏ ! ମଣିଷଙ୍କ କ୍ଷେତ୍ରରେ ୟୁରିଆ ବ୍ଲାଡରରେ ଜମା ହୁଏ ଏବଂ ଆବଶ୍ୟକ ସମୟରେ ବାହାରକୁ ଆସେ । କିନ୍ତୁ ପକ୍ଷୀଙ୍କ କ୍ଷେତ୍ରରେ ଯେତେବେଳେ ବୃକକ ୟୁରିକ ଏସିଡ ଯୁକ୍ତ ପରିସ୍ରା ତିଆରି କରେ, ତାହା ମୂତ୍ରନଳୀ ଦେଇ କ୍ଲୋଏକା ନାମକ ଏକ କୋଠରିରେ ପହଞ୍ଚେ । ଏହି କ୍ଲୋଏକା ଦେଇ ଶରୀରର ସମସ୍ତ ବର୍ଜ୍ୟବସ୍ତୁ ବାହାରକୁ ଆସିଥାଏ । ଏହା ସହିତ କ୍ଲୋଏକା ଦେଇ ଅନ୍ତନଳୀରୁ ଆସୁଥିବା ମଳ ଏବଂ ପ୍ରଜନନ ସମ୍ବନ୍ଧୀୟ ପଦାର୍ଥ (ଯେପରି କି ଶୁକ୍ରାଣୁ) ମଧ୍ୟ ନିଷ୍କାସିତ ହୁଏ ।

ବୈଜ୍ଞାନିକମାନଙ୍କ ମତରେ, ସ୍ଥଳଭାଗରେ ରହୁଥିବା ପ୍ରାଣୀମାନେ ପରିସ୍ରାକୁ ବ୍ଲାଡରରେ ଜମା କରି ରଖିବା ଦ୍ୱାରା ଶିକାରୀଙ୍କ କବଳରୁ ରକ୍ଷା ପାଇଥାନ୍ତି । ଯଦି ସେମାନେ ଲଗାତାର ପରିସ୍ରା କରନ୍ତେ, ତେବେ ଏହାର ଗନ୍ଧ ବାରି ଶିକାରୀମାନେ ସେମାନଙ୍କୁ ସହଜରେ ଖୋଜି ପାଆନ୍ତେ । କିନ୍ତୁ ପକ୍ଷୀମାନଙ୍କ ପାଇଁ ଏହି ବିପଦ କମ, କାରଣ ସେମାନେ ଉଡୁଥିବା ଯୋଗୁଁ ଗନ୍ଧ ମାଧ୍ୟମରେ ସେମାନଙ୍କୁ ଖୋଜିବା କଷ୍ଟକର । ଏହା ବ୍ୟତୀତ, ମୂତ୍ରାଶୟ ନ ଥିବା ଯୋଗୁଁ ସେମାନଙ୍କ ଓଜନ କମ ରହେ, ଯାହା ସେମାନଙ୍କୁ ସହଜରେ ଉଡ଼ିବାରେ ସାହାଯ୍ୟ କରେ । ଯଦି ସେମାନଙ୍କ ଶରୀରରେ ବ୍ଲାଡର୍ ଥାନ୍ତା ଏବଂ ତରଳ ପରିସ୍ରା ଜମା ହୋଇ ରହନ୍ତା । ଫଳରେ ଓଜନ ବଢ଼ିଯାଇଥାନ୍ତା ଏବଂ ଉଡ଼ିବାରେ ଅସୁବିଧା ହୋଇଥାନ୍ତା ।

**ଝାଡ଼ା ଭିତରେ ହିଁ ଲୁଚିଥାଏ ପରିସ୍ରା:** ଚଢ଼େଇ କିମ୍ବା ପାରାର ଝାଡ଼ାରେ ଥିବା କଳା କିମ୍ବା ବାଦାମୀ ଅଂଶଟି ହେଉଛି ତାଙ୍କର କଠିନ ମଳ ଏବଂ ଧଳା ଚିପଚିପା କିମ୍ବା ପାଉଡର ଭଳି ଅଂଶଟି ହେଉଛି ସେମାନଙ୍କର ପରିସ୍ରା ।

**କିପରି ନିଷ୍କାସନ କରନ୍ତି ପରିସ୍ରା:** ପକ୍ଷୀମାନଙ୍କର ପରିସ୍ରା ପାଇଁ ମୂତ୍ରମାର୍ଗ ନଥାଏ । ଯେତେବେଳେ ପରିସ୍ରା ମୂତ୍ରନଳୀ ଦେଇ କ୍ଲୋଏକାରେ ପହଞ୍ଚେ, ସେଠାରେ ପରିସ୍ରା ଏବଂ ମଳ ପରସ୍ପର ସହ ମିଶିଯାଏ ଏବଂ କ୍ଲୋଏକା ଛିଦ୍ର ଦେଇ ଏକାସଙ୍ଗେ ବାହାରିଥାଏ । ତେଣୁ, ସାଧାରଣରେ ଯାହାକୁ ଆମେ 'ପକ୍ଷୀର ମଳ' ବୋଲି କହୁ, ତାହା ପ୍ରକୃତରେ ପରିସ୍ରା ଏବଂ ମଳର ମିଶ୍ରଣ । ଏଥିରେ ଥିବା ଧଳା ଅଂଶଟି ପରିସ୍ରା ଏବଂ କଳା ବା ବାଦାମୀ ଅଂଶଟି ମଳ ହୋଇଥାଏ । ମଣିଷଙ୍କ କ୍ଷେତ୍ରରେ ପରିସ୍ରା ଏବଂ ମଳ ପାଇଁ ଦୁଇଟି ଅଲଗା ଛିଦ୍ର ଥାଏ, କିନ୍ତୁ ପକ୍ଷୀଙ୍କ କ୍ଷେତ୍ରରେ 'କ୍ଲୋଏକା' ହିଁ ଉଭୟ କାମ କରିଥାଏ । ଏପରିକି ଏହା ପ୍ରଜନନ ପାଇଁ ମଧ୍ୟ ବ୍ୟବହୃତ ହୁଏ ।

**ଓଟପକ୍ଷୀ କିନ୍ତୁ ଭିନ୍ନ ଭିନ୍ନ କରେ ପରିସ୍ରା ଓ ମଳ ତ୍ୟାଗ:** ଓଟପକ୍ଷୀ ମଳ ତ୍ୟାଗ କରିବା ପୂର୍ବରୁ ଏବଂ ସମ୍ପୂର୍ଣ୍ଣ ଅଲଗା ଭାବରେ ପରିସ୍ରା ନିଷ୍କାସନ କରିଥାଏ । ଯଦିଓ ଓଟପକ୍ଷୀର କ୍ଲୋଏକା ବ୍ୟତୀତ କୌଣସି ପୃଥକ ମୂତ୍ରାଶୟ ନଥାଏ, ତଥାପି ବୈଜ୍ଞାନିକମାନେ ମନେ କରନ୍ତି ଯେ ଓଟପକ୍ଷୀ କ୍ଲୋଏକା ଛିଦ୍ରର ଠିକ ଭିତର ପଟେ ଥିବା ଏକ କୋଠରୀରେ ପରିସ୍ରା ଜମା କରି ରଖେ । ଏହି କୋଠରୀଟି ପରିସ୍ରା ସଞ୍ଚୟ କରିବା ପାଇଁ ଆକାରରେ ବଢ଼ିପାରେ ଏବଂ ଏହାର ଅବସ୍ଥିତି କ୍ଲୋଏକା ଛିଦ୍ର ଓ କୋଲନ(ବୃହଦନ୍ତ୍ରର ଅଂଶ) ମଧ୍ୟରେ ଥିବା ପଥକୁ ଅବରୋଧ କରିଥାଏ । ମନେ କରାଯାଏ ଯେ, ଏହି କାରଣରୁ ହିଁ ଓଟପକ୍ଷୀର ପରିସ୍ରା ଏବଂ ମଳ ତ୍ୟାଗ ପ୍ରକ୍ରିୟା ପୃଥକ ହୋଇଥାଏ ।



## ହାତ ଗୋଡ଼ ବାନ୍ଧି ପହଁରନ୍ତି

ପହଁରିବା ଆଦୌ ସହଜ କଥା ନୁହେଁ। ହାତ ଗୋଡର ଚାଳନା କିଭଳିଭାବେ କଲେ ପହଁରି ହୁଏ, ସେନେଇ ତାଲିମ ନେବାକୁ ପଡ଼େ। କହିବାକୁଗଲେ ହାତଗୋଡର ସଠିକ ଚାଳନା ନ ହୋଇପାରିଲେ ପହଁରିବା କଷ୍ଟ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଜର୍ଜିଆର ଜଣେ ପହଁରାଳୀ ହାତ ଗୋଡ ଉଭୟକୁ ବାନ୍ଧି ପହଁରନ୍ତି। ଭାବୁଥିବେ ଏହା ଅସମ୍ଭବ। କାରଣ ହାତଗୋଡ ବାନ୍ଧି ପାଣିକୁ ଗଲେ ବୁଡ଼ି ଯିବା ସୁନିଶ୍ଚିତ। ହେଲେ ଏହି ଅସମ୍ଭବକୁ ସମ୍ଭବ କରିଦେଖାଇଛନ୍ତି ଜର୍ଜିଆର ଆନା ଲୋମିନେଜ। ଲୋମିନେଜ ଜଣେ ପୁଲ ଏବଂ ଓପନ ୱାଟର ସୁଇମର୍। ତେବେ ତାଙ୍କର ବିଶେଷତ୍ୱ ହେଉଛି, ସେ ହାତ ଓ ଗୋଡ ବାନ୍ଧି ପହଁରି ପାରନ୍ତି। କେବଳ ଯେ, ସେ ଏଭଳି ପହଁରନ୍ତି ତା'ନୁହେଁ ଏହାକୁ ନେଇ ସେ ରେକର୍ଡ ବି କରିଛନ୍ତି। ଆନା ଲୋମିନେଜ୍ ଦୁଇ ହାତକୁ ପିଠିପଟେ ବାନ୍ଧିବା ସହ ଦୁଇ ଗୋଡକୁ ବାନ୍ଧି ଅଧିକ ଦ୍ରୁତ ଏବଂ ଅଧିକ ଦୂର ପର୍ଯ୍ୟନ୍ତ 'ଡଲଫିନ ଷ୍ଟାଇଲ'ରେ ପହଁରି ପାରନ୍ତି। ୨୦୧୨ ମସିହାରେ ତାଙ୍କୁ ଯେବେ ମାତ୍ର ୧୭ ବର୍ଷ ବୟସ, ସେ ଏଭଳି ହାତ ଓ ଗୋଡ଼ ବନ୍ଧା ହୋଇଥିବା ଅବସ୍ଥାରେ ଅର୍ଥାତ୍ ପ୍ରାଚୀନ 'କୋଲକିସ' ଶୈଳୀରେ ଡାର୍ଡାନେଲେସ ସମୁଦ୍ରର ଏଜିଆବାଟରୁ କେଫେଜ ପର୍ଯ୍ୟନ୍ତ ୫.୫ କିଲୋମିଟର ଦୂରତାକୁ ମାତ୍ର ୫୦ ମିନିଟରେ ଅତିକ୍ରମ କରିଥିଲେ। ଆଉ ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲେ।





## କଥା ଚାଟ୍

ଶ୍ରୀମାନ୍ ସର୍ବଗିଳା

# ଧୈର୍ଯ୍ୟ ଧର

ଢେର ସମୟ ଧରି ଲେଖାଯୋଖା ଧନୁଆ ଜେଜେ ମନୁଆକୁ ବୁଝାଇଲା ପରେ ଯାଇ ତା' ମନ ମାନିଲା। ମାନ ଅଭିମାନ, ଆତ୍ମହତ୍ୟା କରିବା ପ୍ରତିଜ୍ଞା ଛାଡ଼ି ଅନ୍ନ ଭକ୍ଷଣକଲା। ମନୁଆ ଯୋଉଦିନୁ ବଡ଼ ଫୋନ ଖଣ୍ଡେ ହାତରେ ଧରି ଘସିଲା, ବୟସ ତୁଳନାରେ ତା' ଭିତରେ ଜ୍ଞାନ ବେଶି ବେଶି ଉତୁରିଲା। ତେଣୁ ଯୁବା ବୟସରେ କାମଧନ୍ଦା ଛାଡ଼ି ମା'ବାପାଙ୍କ ବୋଲହାକ ନ କରି ଝିଅ ଖୋଜି ଖୋଜି ଲୁଲୁଡ଼େଇବା ବୁଦ୍ଧି ତାହାର ଦ୍ରୁତବେଗରେ ଜାଗ୍ରତ ହେଲା। ସାଙ୍ଗସାଥୀଙ୍କ ସହ ମିଶି ବ୍ୟାଟ୍‌ବଲ ଧରି କିରିକେଟ୍ ଖେଳିଲା। ରାଜନୀତି ଚର୍ଚ୍ଚା ତଥା କୋଉ ନେତା ଭଲ, କୋଉ ନେତା ଖରାପ, ବହୁତ ଉପଦେଶ ଦେଲା। ଉପୁରି ପାଇବା ଖାଇବା ଜ୍ଞାନ ବୁଦ୍ଧି ହେଲା। ଭୋଜିଭାତ ପାର୍ଟି କରିବାକୁ ବାପାଙ୍କୁ ଟଙ୍କା ମାଗିବା ପାଇଁ ଭଦ୍ର ଭାଷାରେ ଧମକେଇଲା। ବଡ଼ କଷ୍ଟରେ ବାପା କିଣି ଦେଇଥିବା ସେକେଣ୍ଡ ହ୍ୟାଣ୍ଡ ଫଟଫଟିଆ ଗାଡ଼ି ନେଇ ଫଟାରସିକ ପରି କଲେଜ ଛକରେ ଝିଅଙ୍କୁ ଲାଇନ ମାରିଲା ତ କାହାକୁ ଗାଡ଼ି ପଛରେ ବସେଇ ବୁଲେଇଲା। ଏମିତି ଏମିତି ଅନେକ ବୁଦ୍ଧି-ଜ୍ଞାନରେ ଆଗକୁ ବଢ଼ିବା ଦେଖି ତା' ବାପାବୋଉଙ୍କ ଦେହରେ ଗଲାନି। କଅଁଳ କଥାରେ ଯେମିତି ନ ଫଳିଲା, ସେଇଠୁ କଞ୍ଚା ଗାଳି ବର୍ଷଣ ସକାଳୁ ରାତିଯାଏ ଚାଲିଲା। କିନ୍ତୁ ସାଙ୍ଗ ଧଡ଼ିଆଠାରୁ ଧୈର୍ଯ୍ୟ ଧରିବା ସଦ୍‌ଗୁଣ କିଛି ଶିଖିଥିବାରୁ ମନୁଆ ସବୁକଥା ଏ କାନରେ ପୂରେଇ ସେ କାନରେ ବାହାର କରିପାରୁଥିଲା। ହେଲେ ତା'ରକତ ମାଉଁସ ଦେହ କେତେ ଆଉ ସହିବ? ଯୋଉ ମା'ବାପା ତାକୁ ଜନମ ଦେଇ ତା' ମନକଥା ବୁଝିପାରିଲେନି, ଓଲଟା ଶତ୍ରୁ ଭଳିଆ ଗାଳିଦେଇ ତାକୁ ଘରୁ ବାହାରି ଯିବାକୁ ଧମକ ଦେଲେ, ସେଇଠୁ ମନୁଆ ମନ ଭାରି ଖରାପ ହେଇଗଲା। ପ୍ରେମର ମଧୁର ସବୁଜ ସପନ ମରିମରି ଗଲା। ଜୀବନଟା ବିଷପିତା ଲାଗିଲା। ସେ କହୁଥିଲା, ''ପଇସାଟେ ତ ତା'ର ରୋଜଗାର ନାହିଁ, ଆଉ ଏ ବେକାର ଜୀବନ ନେଇ କୋଉଠିକି ଯିବ, କେମିତି ବଞ୍ଚିବ, ବୋପା-ମା' ଟିକେ ବି ବିଚାର କଲେନି? ସେ ଭାବିଥିଲା କଅଣ..ଆଉ ହେଲା କ'ଣ ! କେତେ ସପନ ନ ଦେଖିଥିଲା ସେତେ। ବଡ଼ କଷ୍ଟରେ ଘରୁ ଯେଉଁ ହଜାର ହଜାର ଟଙ୍କା ମାଗିନେଇ ପବନାର କଲେଜ ପଢୁଆ ଝିଅ ପଛରେ ଖରଚ କଲା, ଭାବିଥିଲା ତାକୁ ତା' ବାପା-ବୋଉ ଆଦରରେ ବୋହୂ କରିନେବେ। ବୋହୂ ଆସିଲେ ବୋଉର ଦୁଃଖ ଯିବ, ବାପାଙ୍କୁ ସେବା ମିଳିବ। କେଇ ବରଷ ଭିତରେ ନାତିନାତୁଣୀ ଆସି ନୀରବ ଥିବା ଘରକୁ କୋଳାହଳମୟ କରି ପକେଇବ।'' ହେଲେ ତା' ମହାନ୍ ଉଦ୍ଦେଶ୍ୟ ନ ବୁଝି ସିଧା ସିଧା ଗାଳିଦେଇ କହିଲେ, ''ହଇରେ କୋଡ଼ିଆ ଅଳସୁଆ ବେକାରିଆ ବେରୋଜଗାରିଆ! ପଇସାଟେ କମେଇବାର କାଢ଼ ନାହିଁ, ପର ଝିଅ ଆଣି ଆମ ବେକରେ ଓହୋଳେଇବୁ ଭାବିଛୁ? ଯା' ଘରୁ ବାହାରିଯା ! ଯୋଉଦିନ ରୋଜଗାର କରିବୁ ସେଦିନ ଯାଇ ଭାରିଜା ଆଣିବୁ!'' ଏତିକି ବୁଝିଲେନି ଯେ ପୁଅ କଅଣ ଖାଇବ, କୋଉଠି ରହିବ? ଆଉ ତାଙ୍କ ସୁପୁତ୍ର ଅଣ୍ଡିରି ପୁଅ ଭାବରେ ଯୋଉ ବଚନ ଦେଇଛି ପବନା ଝିଅ ପାରବତୀକୁ, ତା' ଅବସ୍ଥା କ'ଣ ହେବ? ପ୍ରେମ କରି ଧୋକ୍କାଦିଆ ମନୁଆ ବୋଲି ଶୁଣିଲେ କଅଣ ତାଙ୍କ ମାନ ଇଜ୍ଜତ ରହିବ ନା ଯିବ-ଟିକେ ଭାବି ପାରିଲେନି? କଥାରେ ଅଛି ହାତୀ କା ଦାନ୍ତ ମର୍ଦ୍ଦ କା ବାତ୍। କେମିତି ମନୁଆ କଥା ଦେଇ ବଚନ ଛିଡ଼ିବ?



ନା' ଆଉ ଏଇ ପାରବତୀ ବିନା ଜୀବନ ରଖିକି କି ଲାଭ, କି ବଞ୍ଚି ରହି ପ୍ରେମରେ ଧୋକ୍କାଦିଆ ମନୁଆ ଶବଦ କାନରେ ଶୁଣି ଆଉ ଧୈର୍ଯ୍ୟ ଧରି ରହିପାରିବନି। ସେ ସଂକଳ୍ପ କରିଛି ମରିବ ହିଁ ମରିବ। ଦୁନିଆକୁ ଦେଖେଇଦେଇ ଯିବ- ପ୍ରେମିକାର ପ୍ରେମ ପାଇଁ କେଡ଼େ ବଡ଼ ତ୍ୟାଗ ତାହାର। ଜୀବନ ଦେଇଦେଲା ସିନା କିନ୍ତୁ ହାର୍ ମାନିଲାନି, ବରଂ ପ୍ରେମରେ ବିଜୟୀ ହୋଇ ମରିଗଲା!

ଲେଖାଯୋଖା ଧନୁଆ ଜେଜେ ଏତେ ସମୟ ମନୁଆ କଥା ଧୈର୍ଯ୍ୟ ଧରି ଶୁଣୁଥିଲେ। ଶେଷରେ କହିଲେ, ''ହଇରେ ନାତି, ଧୈର୍ଯ୍ୟ ଧରିବା ଲୋକଠୁ ଦୁନିଆରେ ଆଉ କେହି ବଡ଼ ନାହାନ୍ତି। ଏଇ ଧୈର୍ଯ୍ୟ ଗୁଣ, ତୋର ମୋ'ଠୁ ଗ୍ରହଣ କରିବା ନିହାତି ପ୍ରୟୋଜନ। ଆରେ ବାବୁ, ମୁଁ ବି ଦିନାକେତେ ଚୋରାପ୍ରେମ କରି ଧରା ପଡ଼ିଥିଲି। ଗୋଗୋଚ୍ଛବାଡ଼ିଆ ଖାଇ ପିଠିର ମାନଚିତ୍ର ବଦଳେଇଥିଲି। ଲୋକେ ଧରି ମୋ ମୁଣ୍ଡର ଘନ କୃଷ୍ଣ କୁଞ୍ଚିତ କେଶଗୁଚ୍ଛକୁ ଖୁର ମାରି ଲଣ୍ଡା କରିପକେଇଲେ। ଚୂନକାଳି ମୁହଁରେ ବୋଳି ଗାଁ ଗାଁରେ ବୁଲେଇଲେ। ତଥାପି ଧୈର୍ଯ୍ୟ ହରେଇଲି ନାହିଁ କି ମୋ ଗୁଣ ଛାଡ଼ିଲି ନାହିଁ। ଥରେ ଦୁଇଥର ନୁହଁ, ପୂରା ଗଣି ଗଣି ବାର ଜଣଙ୍କୁ ପ୍ରେମ କରିଥିଲି। ସେଥିରୁ ଚାରିଥର ମାତ୍ର ରକ୍ଷା ପାଇଥିଲି। ବାକି ଆଠ ଥର ଧରାପଡ଼ି ବିଧା ଗୋଇଠା ଖାଇ ଆଣ୍ଠୁ ଗଣ୍ଠି ଦରଜ କରେଇ ଆଣ୍ଠେଇ ଆଣ୍ଠେଇ ରାସ୍ତାରେ ଚଲେଇଲେ ବି ମୋର ଧୈର୍ଯ୍ୟଚ୍ୟୁତି ଘଟିଲା ନାହିଁ। ମାଟ୍ରିକ ପରୀକ୍ଷା ଦେଇ ସାତ ଥର ଫେଲ୍ ହେଲି। କେତେ ଗାଳି ମାଡ଼ ଖାଇଲି। ତଥାପି ଧୈର୍ଯ୍ୟ ହରେଇଲି ନାହିଁ। ପ୍ରେମରେ ସଫଳତା ଲାଭ କରିବାକୁ ପ୍ରେମିକା ମନ ଜିଣିବାକୁ ସୁନାଚେନ୍, କାନଫୁଲ ଇତ୍ୟାଦି ଚୋରେଇ ଗିଫ୍ଟ ଦେବାକୁ ଯାଇ ଧରା ପଡ଼ି ଅଦାକୁ ଛେଚିଲା ଭଳି ଛେଚା ଖାଇଲି। ଇଜ୍ଜତ ଗଲା ପଛେ, ହେଲେ ସବୁଠୁ ବଡ଼ ଗୁଣ ଧୈର୍ଯ୍ୟ ହରେଇଲି ନାହିଁ। ଅଦ୍ୟାବଧି ମାଲ ପିଇବାକୁ ଟଙ୍କା ନ ପାଇ ଘରୁ ତୋ ଜେଜୀର ଅଳଙ୍କାର ଚୋରେଇଛି, ମୋ ବୋହୂ ପର୍ସରୁ ସାହସ କରି ଟଙ୍କା ଲୁଟି ଧରାପଡ଼ି କେତେ ରକମର ଶୋଧା ଖାଇଛି.. ଘରୁ ତଡ଼ାଖାଇଛି। ହେଲେ ଧୈର୍ଯ୍ୟ ଗୁଣ ମତେ ଜିତେଇଛି, ବଞ୍ଚେଇ ରଖିଛି। ମୁଁ ତୋର ଲେଖାଯୋଖା ଜେଜେ, ଆଉ ତୁ ମୋର ଲେଖାଯୋଖା ଚୋଖା ନାତି, ତତେ ମିଛ କୁହନ୍ତି କେମିତି କହୁନୁ? ତୁ ମୋଠାରୁ ଏହିସବୁ ଭଲଗୁଣ ଶିଖି ଯେବେ ଧୈର୍ଯ୍ୟ ଧରିବୁ, ମଣିଷ ହେବୁ। ଥରେ ମରିଗଲେ ଆଉ କୋଉ ପବନ୍ଦ ଝିଅ ପାରବତୀଠୁ କି ମଜା ପାଇବୁ ନା ମୋ ପରି ସମାଜରେ ଏତେବଡ଼ ପରିଚୟ ପାଇବୁ କହ? ଶୁଣ! ବାପାବୋଉ ଯେତେ ଗାଳି ଦେଲେ ବି ଧୈର୍ଯ୍ୟ ଧରିବୁ। କାଲି ତୋ ଶଳା, ପବନି ପୁଅ ଓ ତା' ସାଙ୍ଗ ମିଶିକି ହୁଏତ ଦେହରେ ମୁଣ୍ଡରେ ଆଛାକରି କୁଟିବେ, ତାକୁ ବି ଧୈର୍ଯ୍ୟ ଧରି ସହିବୁ। ତୋ' ଭାଗ୍ୟରେ ଯଦି ସେଇ ଝିଅ ଥାଏ କିମ୍ବା ଆଉ କାହା ସାଙ୍ଗେ ତୋ ବାହାଘର ହୁଏ, ତାଙ୍କ ଅଭାବ ପୂରଣ ନ କରିପାରିଲେ କି ପିଲାପିଲିଙ୍କି ମଣିଷ ନ କରି ପାରିଲେ ଯୋଉ ଶୋଧା ମାଡ଼ ଖାଇବୁ, ତାକୁ ବି ଯେବେ ଧୈର୍ଯ୍ୟ ଧରିବୁ, ତେବେ ତୁ ଘର କରିବୁ। ଆରେ ତୁ ଦେଖୁନୁଟି, ବାରମ୍ବାର ନିର୍ବାଚନରେ ହାରିଲେ ବି କେତେ ନେତା ସେମିତି ଧୈର୍ଯ୍ୟ ଧରି ପୁଣି ଲଢୁଛନ୍ତି ନା ନାହିଁ। ସେଥିରେ ପୁଣି କେତେ ନିନ୍ଦା ଗାଳି ସହୁଛନ୍ତି। ତେଣୁ ଧୈର୍ଯ୍ୟ ଧରରେ ନାତି, ଦିନେ ପାହିବ ତୋ' ଅନ୍ଧାରର ରାତି। ରାତି ସିନା ରହିଲେ ସପନ ଦେଖିବୁ, କରିବୁ କେତେ ପ୍ରୀତି!'' ମନୁଆ କହିଲା, ''ଜେଜେ! ଆଜିଠାରୁ ତମେ ମୋର ଖାଣ୍ଟି ଗୁରୁ, ତମ ଛଡ଼ା ଆମ ଭଳି ଅସମ୍ଭାଳିଆ ନାତିଙ୍କର ନାହିଁ ଆନ ଗତି। ହେଇଟି ଗୁରୁ ! ଆଜିଠୁ ମୋର ଧୈର୍ଯ୍ୟର ନୂଆ ଜୀବନ ହୋଇଲା ସୁରୁ..।''


-ବୀରହରେକୃଷ୍ଣ ପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଶ୍ରୀ ଜଗନ୍ନାଥଙ୍କ କଥା

**ଲେଖକ: ଡ. ଭାରତ ଭୂଷଣ ରଥ, ପ୍ରକାଶକ: ପେନ ଇନ ବୁକ୍ସ ଆଚାର୍ଯ୍ୟ ବିହାର, ଭୁବନେଶ୍ୱର -୧୩, ମୂଲ୍ୟ :୨୪୯/**

ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ନେଇ ଚଉତ୍ରିଶ ଗୋଟି ଶାସ୍ତ୍ର ଆଧାରିତ କାହାଣୀ ରଚନା କରିଛନ୍ତି ଡ. ରଥ। ଏହା ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ବୋଧଗମ୍ୟ ହୋଇ ପାରିବ। ପୁସ୍ତକଟିକୁ ତିନି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଭାଗରେ ଶ୍ରୀ ଜଗନ୍ନାଥଙ୍କ ଆର୍ବିଭାବ ରହସ୍ୟକୁ ଚଉଦଟି କାହାଣୀ ମାଧ୍ୟମରେ ଅବତାରଣା କରାଯାଇଛି। ଦ୍ୱିତୀୟଭାଗରେ ମନ୍ଦିର ତଥା ଦାରୁବିଗ୍ରହଙ୍କର ପ୍ରତିଷ୍ଠା ରହସ୍ୟକୁ ଆଠଟି କାହାଣୀ ମାଧ୍ୟମରେ ବର୍ଣ୍ଣନା କରାଯାଇଛି। ଶେଷଭାଗଟିରେ ପ୍ରଭୁଙ୍କ ଭକ୍ତ ମାନଙ୍କର ରହସ୍ୟକୁ





ଉପସ୍ଥାପନ କରାଯାଇଛି। ଏହି ଭାଗରେ ଦାସିଆ ବାଉରୀ ଠାରୁ ବଳରାମ ଦାସଙ୍କ ପର୍ଯ୍ୟନ୍ତ ଚଉଦଜଣ ଭକ୍ତଙ୍କ କାହାଣୀ ଖୁବ୍ ଚମତ୍କାର ଶୈଳୀରେ ପ୍ରଦତ୍ତ ହୋଇଛି। ଏ ସମସ୍ତ କଥା ପୂର୍ବରୁ ଉପଲବ୍ଧ ଥିଲେ ହେଁ ଲେଖକ ସ୍ୱକୀୟ ପ୍ରଜ୍ଞାବଳରେ ନୂଆ ରୂପରେ ରୂପାୟିତ କରିଥିବାରୁ ସେ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ଆଶା, ପୁସ୍ତକଟି ସମସ୍ତ ଜଗନ୍ନାଥପ୍ରେମୀଙ୍କୁ ଆକର୍ଷିତ କରିବ।

### ମୋ ହୃଦୟରେ ଶ୍ରୀରାମକୃଷ୍ଣ

**ଲେଖକ : ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
**ପ୍ରକାଶକ : ଶୌର୍ଯ୍ୟ ପ୍ରକାଶନ**
**ଓଡ଼ିଆ ବଜାର, କଟକ, ମୂଲ୍ୟ :୯୦/**

ମୋ ହୃଦୟରେ ଶ୍ରୀରାମକୃଷ୍ଣ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ପୁସ୍ତକ। ଲେଖକ ନିଜ ବଡ଼ବାପା ଓ ବାପାଙ୍କ ଠାରୁ ବାଲ୍ୟକାଳରୁ ଶ୍ରୀରାମକୃଷ୍ଣ ପରମହଂସଙ୍କ ବିଷୟରେ ଯେଉଁ କାହାଣୀମାନ ଶୁଣିଥିଲେ,





ପରବର୍ତ୍ତୀ କାଳରେ ସେସବୁର ବାସ୍ତବ ରୂପ ପରିପ୍ରକାଶ ଘଟିଲା ଦକ୍ଷିଣେଶ୍ୱର ଓ ବେଲୁର ମଠ ଦର୍ଶନ କାଳରେ। ସେଇ ଅନୁଭୂତିକୁ ନେଇ ଏଇ ପୁସ୍ତକର ସୃଷ୍ଟି। ଏଥିରେ ମୋଟ ବାଇଶିଟି ବିଷୟ ରହିଛି, ଯାହା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇପାରିଛି। ''ପ୍ରଥମ ରାମକୃଷ୍ଣ ଦର୍ଶନ''ରୁ ଆରମ୍ଭ ହୋଇ ''ମୋ ପାଇଁ ବି ଚାପୁଡ଼ା ପ୍ରୟୋଜନ''ରେ ପରିସମାପ୍ତି ଘଟିଛି। ଏହି ପୁସ୍ତକଟି ଖାଲି ପିଲା କାହିଁକି, ସବୁବର୍ଗର ପାଠକପାଠିକାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ।

### ଭାସିଗଲା ଯେବେ କାଗଜ ଡ଼ଙ୍ଗା

**କବି : ଧରଣୀଧର ତ୍ରିପାଠୀ, ପ୍ରକାଶକ : ବିଦ୍ୟା ପବ୍ଲିସିଂ ଟରାଣ୍ଟୋ, କାନାଡ଼ା, ମୂଲ୍ୟ :୨୫୦/**

ଭାସିଗଲା ଯେବେ କାଗଜ ଡଙ୍ଗା କବି ଧରଣୀଧର ତ୍ରିପାଠୀଙ୍କ ଏହା ତୃତୀୟ କବିତା ସଂକଳନ। କିଛି ସ୍ମୃତି କିଛି ଅନୁଭୂତିକୁ ଆଧାର କରି ଏହି ସଂକଳନରେ ସର୍ବମୋଟ ୬୭ଟି କବିତା ସ୍ଥାନ ପାଇଛି। ସଂକଳନରେ ସ୍ଥାନିତ ପଞ୍ଚଦଶ କବିତାର ଶୀର୍ଷକକୁ ନେଇ ପୁସ୍ତକର ନାମକରଣ କରାଯାଇଛି। କବି ନିଜ




ପିଲାଦିନ ତଥା ତରୁଣ ବୟସର ବହୁ ଆବେଗ ଓ ଭାବପ୍ରବଣତାକୁ ନେଇ ଏ ସମସ୍ତ କବିତା ରଚନା କରିଛନ୍ତି; ଯେଉଁଥିରେ ରହିଛି ନିଛକ ବାସ୍ତବତା। ଏଥିରେ ବିଭିନ୍ନ ପାରିପାର୍ଶ୍ୱିକ ପରିବେଶ, ପରିସ୍ଥିତି ଓ ଗ୍ରାମ୍ୟ ଜୀବନର ପ୍ରତିଛବି ଦେଖିବାକୁ ମିଳିଛି। କବିତାଗୁଡ଼ିକ କବି ହୃଦୟର ନିଭୃତ କୋଣରୁ ଛଳଛଳ ହୋଇ ଝରି ଆସିଛି। ବେଶ୍ ଆବେଗଧର୍ମୀ ହୋଇଛି କବିତାଗୁଡ଼ିକ; ଯାହା ପାଠକଙ୍କ ମନକୁ ବାନ୍ଧି ରଖିପାରିବ।

ବ୍ୟାକ୍ ପେଜ୍

# କଲ-ଆଜ ଔର୍ କଲ ଫୁଲ

ଆପଣ କେବେ ଏମିତି ଏକ ଗଛ ଦେଖିଛନ୍ତି, ଯାହାର ଫୁଲ ପ୍ରତିଦିନ ନିଜର ରଙ୍ଗ ବଦଳାଇଥାଏ ? ଯଦି ନା, ତେବେ ଆପଣ 'କଲ-ଆଜ ଔର୍ କଲ' ଗଛ ନିଶ୍ଚୟ ଦେଖିବା ଉଚିତ। ସୋସିଆଲ ମିଡିଆରେ ଏହି ଫୁଲର ଭିଡିଓ ଭାଇରାଲ ହେବାରେ ଲାଗିଛି ଏବଂ ଏହାର ଅଦ୍ଭୁତ ଗୁଣ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି। ଏହି ଗଛର ବୈଜ୍ଞାନିକ ନାମ ହେଉଛି ବ୍ରୁନଫେଲସିଆ ପାଉସିଫ୍ଲୋରା। ଏହି ଗଛ ଆଳୁ ଏବଂ ଟମାଟୋ ପରିବାରର ଏକ ସଦସ୍ୟ। ଏହା ମୂଳତଃ ବ୍ରାଜିଲର ଏକ ସୁନ୍ଦର ଗୁଳ୍ମ ଜାତୀୟ ଉଦ୍ଭିଦ, ଯାହାକୁ ଭାରତର ଅନେକ ସ୍ଥାନରେ ବଗିଚା ଏବଂ ଛାତ ଉପରେ ଲଗାଯାଏ। ଏହାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ରଙ୍ଗ ବଦଳିବା। ପ୍ରଥମ ଦିନ ଯେତେବେଳେ ଫୁଲଟି ସଦ୍ୟ ଫୁଟିଥାଏ, ଏହା ଗାଢ଼ ବାଇଗଣୀ ରଙ୍ଗର ହୋଇଥାଏ। ଦ୍ୱିତୀୟ ଦିନ ଏହା ହାଲୁକା ଲାଭେଣ୍ଡର ବା ଭାୟୋଲେଟ ରଙ୍ଗ ହୋଇଯାଏ। ତୃତୀୟ ଦିନ ଏହା ସମ୍ପୂର୍ଣ୍ଣ ଧଳା ରଙ୍ଗରେ ପରିଣତ ହୁଏ। ଗୋଟିଏ ଗଛରେ ଏକ ସାଙ୍ଗରେ ତିନୋଟି ରଙ୍ଗର ଫୁଲ ଦେଖାଯାଉଥିବାରୁ ଏହା ଅତ୍ୟନ୍ତ ଆକର୍ଷଣୀୟ ଲାଗେ। ଏହି କାରଣରୁ ଏହାର ନାମ 'କଲ-ଆଜ ଔର୍ କଲ' ରଖାଯାଇଛି। ଅନେକ ଲୋକ ଏହାକୁ 'ମର୍ଣ୍ଣିଂ-ନୁନ୍-ଆଣ୍ଡ-ନାଇଟ୍' କିମ୍ବା 'କିସ୍ ମି କୁଇକ୍' ବୋଲି ମଧ୍ୟ କହିଥାନ୍ତି। ଏହି ଫୁଲର ବାସ୍ନା ମଲ୍ଲୀ ଫୁଲ ପରି ମିଠା ଏବଂ ପ୍ରଖର, ଯାହାକି ମନ୍ତ୍ରମୁଗ୍ଧ କରିଦିଏ। ସନ୍ଧ୍ୟା ସମୟରେ ଏହାର ମହକ ଆହୁରି ବଢ଼ିଯାଏ। ଏହି ଗଛ ସାମାନ୍ୟ ଛାଇ ଥିବା ସ୍ଥାନ ପସନ୍ଦ କରେ। ଖରାରେ ଏହା ଭଲ ହୁଏ, କିନ୍ତୁ ଅପରାହ୍ନର ପ୍ରଖର ଖରାରୁ ଏହାକୁ ରକ୍ଷା କରିବାକୁ ହେବ। ଲଗାଯାଇଥିବା ସ୍ଥାନର ମାଟିରେ ଜଳ ନିଷ୍କାସନ ବ୍ୟବସ୍ଥା ଭଲ ଥିବା ଜରୁରୀ। ଯେମିତିକି ଅଧିକ ପାଣି ଜମିବ ନାହିଁ। ବସନ୍ତ ଏବଂ ଗ୍ରୀଷ୍ମ ଋତୁରେ ଏଥିରେ ପ୍ରଚୁର ଫୁଲ ଫୁଟିଥାଏ।





# ନଦୀ ସହ ବିବାହ

ବିଶ୍ୱରେ ଅନେକ ଚର୍ଚ୍ଚିତ ପ୍ରେମ କାହାଣୀ ଅଛି। ତେବେ ଆମେ ଏଠାରେ ଯେଉଁ ପ୍ରେମ କାହାଣୀ କହୁଛି ତାହା ସବୁଠୁ ନିଆରା। ଏଇ ପ୍ରେମ କାହାଣୀରେ ଜଣେ ସୁନ୍ଦରୀ ଯୁବତୀ ଯାହାଙ୍କ ପ୍ରେମରେ ଉବୁଟୁବୁ ସେ ଜଣେ ବ୍ୟକ୍ତି ନୁହନ୍ତି, ବରଂ ଏକ ନଦୀ। କଥାଟି ବିଶ୍ୱାସ ହେଉ ନ ଥିବ। କିନ୍ତୁ ଇଂଲଣ୍ଡର ମେଗ ଆଭନ ନାମ୍ନୀ ଯୁବତୀ କେବଳ ଯେ, ଏକ ନଦୀକୁ ଭଲ ପାଇଛନ୍ତି ତାହା ନୁହେଁ ତାକୁ ନିଜର ଜୀବନସାଥୀ ଭାବେ ମଧ୍ୟ ଗ୍ରହଣ କରିଛନ୍ତି। ତା'ସହ ଏଇ ନିକଟରେ ନିଜ ବିବାହର ତୃତୀୟ ବାର୍ଷିକୀ ମଧ୍ୟ ବେଶ୍ ଉତ୍ସାହର ସହ ପାଳନ କରିଛନ୍ତି। ଅନେକଙ୍କ ମନରେ ପ୍ରଶ୍ନ ଉଠୁଥିବ ଏହି ଅଦ୍ଭୁତ ପ୍ରେମ କାହାଣୀ ପଛର ପ୍ରକୃତ ରହସ୍ୟ କ'ଣ ? ମେଗ ବୃତ୍ତିରେ ଜଣେ ଗବେଷକ ଏବଂ ଲେଖିକା। ଜୁନ ୨୦୨୩ରେ ଏକ ବିଶେଷ ସମାରୋହରେ ସେ ଏହି ନଦୀ ସହ ବିବାହ କରିଥିଲେ। ସେ କୁହନ୍ତି,' ମୁଁ ଏହି ବିବାହ ଚର୍ଚ୍ଚାରେ ରହିବା ପାଇଁ କରି ନାହିଁ। ବରଂ ଏହି ସମ୍ପର୍କ ମାଧ୍ୟମରେ ନଦୀଗୁଡ଼ିକରେ ବଢୁଥିବା ପ୍ରଦୂଷଣ ଏବଂ ସ୍ୱେରେଜ ସମସ୍ୟା ପ୍ରତି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ। ମୁଁ 'କନ୍‌ହାମ ବାଥର୍‌ସ' ନାମକ ଏକ ଗୋଷ୍ଠୀ ସହ ମିଶି ନଦୀକୁ 'ଆଇନଗତ ବ୍ୟକ୍ତି'ର ମାନ୍ୟତା ଦେବାକୁ ଚେଷ୍ଟା କରୁଛି। ମୋର ବିଶ୍ୱାସ, ଯେପର୍ଯ୍ୟନ୍ତ ମଣିଷ ପ୍ରକୃତିକୁ ନିଜର ବୋଲି ନ ଭାବିବ, ସେପର୍ଯ୍ୟନ୍ତ ଏହାର ସଠିକ ସୁରକ୍ଷା ହୋଇପାରିବ ନାହିଁ। ଯେପରି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ ଆଇନଗତ ମାନ୍ୟତା ମିଳେ, ସେହିପରି ନଦୀଗୁଡ଼ିକୁ ମଧ୍ୟ ସେମାନଙ୍କର ଅଧିକାର ମିଳିବା ଉଚିତ।' ମେଗ୍ ପ୍ରତି ସପ୍ତାହରେ ନିଜର ଏହି 'ପାର୍ଟନର'ଙ୍କ ସହ ସମୟ ବିତାଇବା ପାଇଁ ପାଣିକୁ ଓହ୍ଲାଇଥାନ୍ତି। ପ୍ରବଳ ଶୀତ ହେଉ କି ବର୍ଷା କେଉଁଥିରେ ବି ତାଙ୍କର ଭଲପାଇବା କମି ନ ଥାଏ। ଆଉ ସେ ନଦୀ ଭିତରକୁ ଯାଇ ସମୟ ବିତାନ୍ତି। ଯେଉଁଠି କିଛି ଲୋକ ଏହାକୁ ଅଜବ ବୋଲି ଭାବନ୍ତି, ମେଗଙ୍କ ପାଇଁ ଏହା କିନ୍ତୁ ପ୍ରକୃତି ସହ ଯୋଡ଼ି ହେବାର ଏକ ସୁନ୍ଦର ଅନୁଭୂତି।

# ନିଆଁ ଲଗାଇ ବ୍ୟାକଫ୍ଲିପ୍

ବ୍ୟାକ୍‌ଫ୍ଲିପ୍ କରୁଥିବା କେତେକ ବ୍ୟକ୍ତିଙ୍କୁ ଦେଖିଥିବେ। ହେଲେ ଏଭଳି ବ୍ୟାକ୍‌ଫ୍ଲିପ୍ କେବେ ଦେଖି ନ ଥିବେ। କାରଣ ଏହି ବ୍ୟାକ୍‌ଫ୍ଲିପ୍ ସାଧାରଣ ନୁହେଁ। ବ୍ରିଟିଶର ଦୁଃସାହସିକ ବ୍ୟକ୍ତି ରାୟାନ ଲୁନି ନିଆଁରେ ଜଳୁଥିବା ଅବସ୍ଥାରେ କରନ୍ତି ବ୍ୟାକ୍‌ଫ୍ଲିପ୍। କେବଳ ସେତିକି ନୁହେଁ ଏଭଳି ବ୍ୟାକ୍‌ଫ୍ଲିପ୍ କରି ସେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛନ୍ତି। ରାୟାନ୍ ୩୦ ସେକେଣ୍ଡରେ ୭ଟି ବ୍ୟାକଫ୍ଲିପ କରି ଏହି ରେକର୍ଡ କରିଛନ୍ତି। ୨୮ ବର୍ଷୀୟ ରାୟାନ ଲୁନି ଏହି ଦୁଃସାହସିକ କାର୍ଯ୍ୟ କରିବାବେଳେ ସୁରକ୍ଷା ପ୍ରତି ବହୁତ ଧ୍ୟାନ ଦେଇଥିଲେ। ରାୟାନ କହନ୍ତି, 'ନିଆଁରୁ ବଞ୍ଚିବା ପାଇଁ ମୁଁ ଭିତରେ କିଛି ସ୍ତରର ପୋଷାକ ପିନ୍ଧିଥିଲି ଯାହାକୁ କି ଏକ ବିଶେଷ ଜେଲ୍‌ରେ ଭିଜାଇ ୨୪ ଘଣ୍ଟା ପାଇଁ ଫ୍ରିଜରେ ରଖାଯାଇଥିଲା। ଫଳରେ ତାହା ଅତ୍ୟନ୍ତ ଥଣ୍ଡା ଥିଲା ଓ ତାକୁ ପିନ୍ଧି ନିଆଁ ଲଗାଇ ବ୍ୟାକ୍‌ଫ୍ଲିପ୍ କଲାବେଳେ ନିଆଁର ପ୍ରକୋପ ମୋ ଉପରେ ପଡ଼ି ନ ଥିଲା।' ତେବେ ରେକର୍ଡ କରିବା ମାତ୍ରେ ତାଙ୍କ ଉପରେ ଅଗ୍ନିନିର୍ବାପକ ଯନ୍ତ୍ର ସାହାଯ୍ୟରେ ପାଣି ସ୍ପ୍ରେ କରାଯାଇଥିଲା ଏବଂ ନିଆଁ ଲିଭାଇବା ପାଇଁ ତଉଲିଆରେ ଘୋଡ଼ାଇ ଦିଆଯାଇଥିଲା। ରାୟାନ କହନ୍ତି, 'ସମ୍ପୂର୍ଣ୍ଣ ଶରୀର ଜଳୁଥିବା ଅବସ୍ଥାରେ ପୂର୍ବରୁ ଅନେକ ରେକର୍ଡ ରହିଛି। ତେଣୁ ଏଭଳି କରି ମୁଁ କେମିତି ସଫଳ ହେବି ଭାବି ପାରୁ ନ ଥିଲି। ହେଲେ ଶେଷରେ ଯେତେବେଳେ ଏଥିରେ ସଫଳ ହେଲି, ଆହୁରି ଅଧିକ ରେକର୍ଡ କରିବି ବୋଲି ଚିନ୍ତା କରୁଛି।'

